ଧରିତ୍ରୀ
DHARITRI
March 15-21, 2020 ₹ 2/-

# ଛୁଟିଦିନ



# ଗୋ ସେବା

ଗୋ' ସେବା କେବଳ ପରମ୍ପରା ନୁହେଁ, ଗ୍ରାମ୍ୟ ଅର୍ଥନୀତିର ଏକ ମୁଖ୍ୟ ଅଂଶ ମଧ୍ୟ। ତେବେ ଆସ୍ତେ ଆସ୍ତେ ଗୋ' ସେବା ପ୍ରତି ଲୋକଙ୍କର ଆଗ୍ରହ କମୁଥିବାବେଳେ ଏବେବି କିଛି ଗାଁ ରହିଛି, ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ଗୋପାଳନ ଓ ଗୋ' ସେବାକୁ ବ୍ରତ କରିଛନ୍ତି...

୪
ପ୍ରଚ୍ଛଦ ପ୍ରସଙ୍ଗ



୧୩
ସହରଠୁ ଦୂର



ସିନେମା
୮/୯

# କେଉଁଠି କରିବେନି ଠାକୁରଘର

୧.ବାସ୍ତୁଶାସ୍ତ୍ର ଅନୁସାରେ ଠାକୁରଘର କେବେବି ଶିଡ଼ିତଳେ କରିବା ଉଚିତ ନୁହେଁ। ଘରେ ଅଯଥା କଳହ ଲାଗି ରହିବ। ପରିବାର ସଦସ୍ୟଙ୍କୁ ମାନସିକ ଅଶାନ୍ତିର ସାମ୍ନା କରିବାକୁ ପଡ଼ିବ। ଧନହାନି ବି ହୋଇପାରେ।



୨. ବେସ୍‌ମେଣ୍ଟ(ଭୂତଳ ଘର)ରେ ବି ପୂଜାଘର କରିବା ଉଚିତ ନୁହେଁ। ଏଭଳି କଲେ ପୂଜାର ଫଳ ମିଳି ନ ଥାଏ। ସମସ୍ୟା ଉପରେ ସମସ୍ୟା ଆସିଥାଏ।

୩. ବାସ୍ତୁଶାସ୍ତ୍ର ଅନୁଯାୟୀ ଶୟନକକ୍ଷକୁ କେବେ ବି ପୂଜାଘର କରିବା ଠିକ୍ ନୁହେଁ। ଯଦି ଅନ୍ୟ କୌଣସି ଉପାୟ ନ ଥାଏ, ତେବେ ପୂଜାଘର ଚାରିପଟେ ପରଦା ଲଗାଇଦେବେ। ଏହାବାଦ୍ ଶୟନକକ୍ଷର ଉତ୍ତର-ପୂର୍ବ ଦିଗରେ ହିଁ ପୂଜାଘର କରିବେ। ପୂଜାଘରର ରଙ୍ଗ ଧଳା ଓ କ୍ରିମ କଲେ ଭଲ।

୪. ଘରେ ମନ୍ଦିରର ସ୍ଥାନ ଯେମିତି ମହତ୍ତ୍ୱପୂର୍ଣ୍ଣ, ତା' ମଧ୍ୟସ୍ଥ ମୂର୍ତ୍ତିର ମହତ୍ତ୍ୱ ବି ବେଶ୍ ରହିଛି। ମୂର୍ତ୍ତିର ଆକାର ୮ ଇଞ୍ଚରୁ ଅଧିକ ହେବା ଉଚିତ ନୁହେଁ। ଏଭଳି ନ ହେଲେ ଘରର ମୁଖିଆଙ୍କୁ ସନ୍ତାନଙ୍କଠାରୁ କଷ୍ଟ ମିଳିବା ଯୋଗ ବନିଯାଏ।

୫. ଧ୍ୟାନ ଦେବା ଜରୁରୀ ଯେ, ଭଗବାନ୍‌ଙ୍କ ଫଟୋ ହେଉ କି ମୂର୍ତ୍ତି, ତାକୁ କେବେବି ଘରର ନୈଋତ କୋଣରେ ରଖିବେ ନାହିଁ। ଏଭଳି କଲେ ଘରର ସଦସ୍ୟଙ୍କ ଜୀବନରେ ସମସ୍ୟା ହିଁ ସମସ୍ୟା ଆସିଥାଏ।

୬. ବାସ୍ତୁଶାସ୍ତ୍ର ଅନୁଯାୟୀ ପୂଜାଘରେ କେବେବି ଶ୍ରୀଗଣେଶ ଓ ଭଗବତୀ ଦେବୀଙ୍କର ତିନୋଟି ପ୍ରତିମା ରଖିବେ ନାହିଁ। ଏହାବାଦ୍ ୨ଟି ଶଙ୍ଖ, ୨ଟି ସୂର୍ଯ୍ୟଦେବଙ୍କ ପ୍ରତିମା ଓ ଦୁଇଟି ଶାଳଗ୍ରାମ ବି ରଖିବେ ନାହିଁ। ନଚେତ ମନ ସବୁବେଳେ ବିଚଳିତ ରହିବ। ଧନହାନି ବି ହୋଇପାରେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୧୫-୨୧

**ମେଷ**



ଉଦ୍ୟମରେ ସଫଳତା, କାରବାରରେ ଉନ୍ନତି, ଦୂରଯାତ୍ରାର ପ୍ରସ୍ତୁତି, ଲୋକସମ୍ପର୍କ ବୃଦ୍ଧି, ଶାରୀରିକ ସୁସ୍ଥତା, ଭ୍ରମଣ କଷ୍ଟ, ପୁଞ୍ଜି ନିବେଶରେ କ୍ଷତି, ଶୁଭ କାର୍ଯ୍ୟରେ ବ୍ୟୟ ବୃଦ୍ଧି, ବ୍ୟବସାୟରେ ଉନ୍ନତି।

**ବୃଷ**



ବହୁଜନ ସମ୍ପର୍କ, ଉତ୍ସାହିତ ରହିବେ, କର୍ମଚାପ, ଦୂରଭ୍ରମଣ, ସୌଖୀନ ଦ୍ରବ୍ୟ କ୍ରୟ, ଅର୍ଥଲାଭ, ବନ୍ଧୁଙ୍କ ପରାମର୍ଶ, ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟ, ଧନହାନି ମାମଲାରେ ସଫଳତା, ଭୁଲ୍ ବୁଝାମଣାରୁ ଅଶାନ୍ତି।

**ମିଥୁନ**



ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥ ସମ୍ମାନ ପ୍ରାପ୍ତି, ବନ୍ଧୁଙ୍କ ସାହାଯ୍ୟ, ନୂଆ ସମ୍ପର୍କ ଯୋଡ଼ିବେ, ଭ୍ରମଣ ହେତୁକ କ୍ଳାନ୍ତି, କୁଟୁମ୍ବରେ ଅଶାନ୍ତି, ସ୍ଥାନାନ୍ତର ଚିନ୍ତା, ଦ୍ରବ୍ୟହାନି, ଯାନବାହନ ମରାମତି, ବିଳମ୍ବିତ ନ୍ୟାୟରୁ ମନସ୍ତାପ।

**କର୍କଟ**



ଭୁଲ୍ କାମରୁ ଅନୁତାପ, ବାଧବାଧକତାରେ ଖର୍ଚ୍ଚାନ୍ତ, ଅନିଦ୍ରାଜନିତ ପୀଡ଼ା, ମଉଜ ମଜ୍‌ଲିସ, ଶୁଭ ଖବର, କର୍ମଜଞ୍ଜାଳ ବୃଦ୍ଧି, ବିବାଦୀୟ ଜମିପ୍ରାପ୍ତି, ବନ୍ଧୁ ପ୍ରସ୍ତାବର ଆଲୋଚନା, ଆର୍ଥିକ ଉନ୍ନତି, ପଡ଼ୋଶୀଙ୍କ ସୌହାର୍ଦ୍ଦ୍ୟ।

**ସିଂହ**



ଅର୍ଥ ସଂକଟ, କାର୍ଯ୍ୟହାନି, ଅଭିଯୋଗ ଆସିବ, ଶ୍ରମଜନିତ କ୍ଳାନ୍ତିବୋଧ, ଭ୍ରାତୃ ସମ୍ପର୍କରେ ଉନ୍ନତି, ନିଷ୍ପତ୍ତିର ପୁନର୍ବିଚାର, ବିଦେଶ ଯାତ୍ରାର ସୁଯୋଗ, କରଜଦାତାଙ୍କ ଚାପ, ପଦୋନ୍ନତିର ସୂଚନା।

**କନ୍ୟା**



କର୍ମରେ ନିଷ୍ଠା, ଲକ୍ଷ୍ୟ ପୂରଣ, ପାରିବାରିକ ସୌଖ୍ୟ, ବିଜାତୀୟ ସହ ମିତ୍ରତା, ପଡ଼ୋଶୀଙ୍କ ଅପପ୍ରଚାର, ସନ୍ତାନଙ୍କ କୃତିତ୍ୱ, ବାଣିଜ୍ୟରେ ଅଭିବୃଦ୍ଧି, ମକଦ୍ଦମା ଫଇସଲା ।

**ତୁଳା**



ସୁସ୍ଥ ମାନସିକତା, ଦ୍ୱନ୍ଦ୍ୱର ଅବସାନ, ନୂତନ ଯୋଜନାରମ୍ଭ, ବନ୍ଧୁଙ୍କ ସହଯୋଗ, ଲୋକସମ୍ପର୍କ ବୃଦ୍ଧି, ଆଲୋଚନାରେ ସଫଳତା, ଯାନ୍ତ୍ରିକ ତ୍ରୁଟି, ଆର୍ଥିକ ଅଭିବୃଦ୍ଧି, ତୀର୍ଥାଟନର ପରିକଳ୍ପନା, ସାମାଜିକ ସମ୍ମାନ, ନୂତନ ମୈତ୍ରୀ।

**ବିଛା**



ସୁଯୋଗ ହରାଇବେ, ବ୍ୟୟବହୁଳତା, ପାରିବାରିକ ସମସ୍ୟା, ପଦମର୍ଯ୍ୟାଦା ବୃଦ୍ଧି, ଯୁକ୍ତିତର୍କରୁ କଳହ, ଯାତ୍ରାରେ ଦ୍ୱନ୍ଦ୍ୱ, ସାଂସ୍କୃତିକ କାର୍ଯ୍ୟକ୍ରମ, ବନ୍ଧୁଙ୍କ ନିମନ୍ତ୍ରଣ, ଆଇନ ସହାୟତା, ବ୍ୟବସାୟରେ କ୍ଷତି, କାର୍ଯ୍ୟହାନି, ନୈରାଶ୍ୟବୋଧ।

**ଧନୁ**



ଦୈହିକ ଅସୁସ୍ଥତା, ବନ୍ଧୁଙ୍କ ସାହାଯ୍ୟ, ଭ୍ରମଣ ସୁଯୋଗ, କାର୍ଯ୍ୟ ସିଦ୍ଧି, ନୂତନ ବନ୍ଧୁ ସମ୍ପର୍କ, ସମସ୍ୟା ସୁଧୁରିବ, ମନୋରଞ୍ଜନ କାର୍ଯ୍ୟକ୍ରମ, ସ୍ତ୍ରୀଙ୍କ ଅଭିଯୋଗ, ଠକାମିରେ ପଡ଼ିବେ, ନୂତନ ବସ୍ତ୍ରଭୂଷଣ ଲାଭ, ସଭା ସମିତିକୁ ନିମନ୍ତ୍ରଣ, ଫଳପ୍ରଦ ଆଲୋଚନା।

**ମକର**



ଆରୋଗ୍ୟ ଲାଭ, ବନ୍ଧୁଙ୍କ ସହାନୁଭୂତି, ରୋଜଗାରରେ ଉନ୍ନତି, ଟଙ୍କା ହଜିଯାଇପାରେ, ଭ୍ରମଣ ସୁଯୋଗ ପ୍ରାପ୍ତି, ରାଜନୈତିକ ସଂଘର୍ଷ, କ୍ରୀଡ଼ା ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ, ପରୀକ୍ଷାରେ ସଫଳତା, ପଦୋନ୍ନତିର ସୂଚନା, ବିଦେଶଯାତ୍ରାର ଅଫର୍।

**କୁମ୍ଭ**



ବୈଷୟିକ ଅଭିବୃଦ୍ଧି, ପଦାଧିକାରୀଙ୍କ ପ୍ରତିଶ୍ରୁତି, ବିବାଦୀୟ ପରିସ୍ଥିତି, ଜମିଜମା କଳହ, ପାରିବାରିକ ମତପାର୍ଥକ୍ୟ, ଗୁରୁଜନଙ୍କ ପରାମର୍ଶ, ସମ୍ପର୍କୀୟଙ୍କ ଅସହଯୋଗ, ଧର୍ମକାର୍ଯ୍ୟର ପ୍ରସ୍ତୁତି, ଋଣ ପରିଶୋଧର ଚାପ, ସାମ୍ବାଦିକତାରୁ ସମ୍ମାନ।


**ମୀନ**



ଆର୍ଥିକ ଅନଟନ, ବନ୍ଧୁଙ୍କ ସାହାଯ୍ୟ, ସ୍ୱଜନଙ୍କ ପାଇଁ ଚିନ୍ତା, ପରିଭ୍ରମଣ, କାର୍ଯ୍ୟ ସିଦ୍ଧି, ପଡ଼ୋଶୀଙ୍କ ସମାଲୋଚନା, ଅତିଥି ଚର୍ଚ୍ଚା, ସତ୍‌ସଙ୍ଗ, ଶିଳ୍ପ ବାଣିଜ୍ୟରେ ଉନ୍ନତି, ବୈବାହିକ ପ୍ରସ୍ତାବ, ଧାତୁ ଅଳଙ୍କାର କ୍ରୟ, ନୂତନ ସମ୍ପର୍କ, ବିବାଦର ଫଇସଲା।

# ମୁଣ୍ଡବ୍ୟଥା ହେଉଥିଲେ

**ମୁଣ୍ଡବ୍ୟଥା ସମସ୍ୟା ଅନେକଙ୍କଠାରେ ଥାଏ। ତେବେ ଘରୋଇ ଉପାୟରେ କିଭଳି ଏଥିରୁ ନିସ୍ତାର ପାଇବେ, ଜାଣନ୍ତୁ ସେ ସମ୍ପର୍କରେ..**



୧. ତେଜପତ୍ର ପଡ଼ିଥିବା ନାଲି ଚା'ରେ ଲେମ୍ବୁରସ ପକାଇ ପିଇଲେ ମୁଣ୍ଡବ୍ୟଥାରେ ଲାଭ ମିଳିଥାଏ।

୨. ନଡ଼ିଆ ପାଣି, ଚାଉଳଧୁଆ ପାଣି ସହ ଶୁଣ୍ଠି ପାଉଡର୍ ମିଶାଇ ଉକ୍ତ ପ୍ରଲେପକୁ ମୁଣ୍ଡରେ ଲଗାଇଲେ ଆରାମ ମିଳେ।

୩. ଧଳା ଚନ୍ଦନ ପାଉଡରକୁ ଚାଉଳଧୁଆ ପାଣିରେ ମିଶାଇ ଏକ ଲେପ ପ୍ରସ୍ତୁତ କରି ମୁଣ୍ଡରେ ଲଗାଇଲେ ବି ଉପଶମ ମିଳିଥାଏ।

୪. ଲାଲ ତୁଳସୀପତ୍ରକୁ ବାଟି ଦିନକୁ ୨-୩ ଥର ମୁଣ୍ଡରେ ଲଗାଇଲେ ମୁଣ୍ଡବ୍ୟଥା କମିଥାଏ।

୫. ଚାଉଳଧୁଆ ପାଣିରେ ଜାଇଫଳକୁ ଘୋରି ମଧ୍ୟ ମଥାରେ ଲଗାଇପାରିବେ।

୬. ସବୁଜ ଧନିଆ ପତ୍ରକୁ ଦଳି ତାର ଲେପ ମଥାରେ ଲଗାଇଲେ ଆରାମ ମିଳିଥାଏ।

୭. ଧଳାସୂତା କପଡ଼ାକୁ ସିର୍‌କାରେ ବୁଡ଼ାଇ ମଥାରେ ରଖିଲେ ଆରାମ ମିଳିଥାଏ।

# ପାଠକୀୟ

■ ଦିନଥିଲା ଯେତେବେଳେ ପ୍ରତି କ୍ଷେତ୍ରରେ ନାରୀମାନଙ୍କ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ସମଗ୍ର ବିଶ୍ୱ ରହିଥିଲା ପୁରୁଷମାନଙ୍କ ହାତରେ। ଅଧିକାଂଶ ନାରୀ ଏହି ପୁରୁଷକୈନ୍ଦ୍ରିକତାକୁ ବରଦାସ୍ତ କରିଯାଉଥିଲେ। ମାତ୍ର ସେମାନଙ୍କ ମଧ୍ୟରେ ଏମିତି କେତେଜଣ ଥିଲେ, ଯେଉଁମାନେ ପୁରୁଷ ପ୍ରାଧାନ୍ୟକୁ ସହଜରେ ଗ୍ରହଣ କରି ନ ପାରି ନିଜେ ପୁରୁଷ ବେଶ ଧରି ପୁରୁଷଙ୍କ ସହିତ ସମକକ୍ଷ ବୋଲି ପ୍ରମାଣିତ କରିଥିଲେ। ସେମିତି କେତେଜଣ ସାହସୀ ମହିଳାଙ୍କ ଜୀବନୀ ସମ୍ପର୍କରେ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ନାରୀ ଯେବେ ସାଜେ ପୁରୁଷ'ପଢି ଭାରି ଖୁସି ଲାଗିଲା। 'ପର୍ସରେ ରଖିଲେ କମିବ ଖର୍ଚ୍ଚ', 'ମହାକାଶରେ ତିଆରି ହେଲା ପ୍ରଥମ ବିସ୍କୁଟ୍' ଆଦି ପାଠଗୁଡ଼ିକ ବି ଭାରି ଶିକ୍ଷଣୀୟ ଥିଲା।

*-ଦିଲୀପ ସେଠୀ, ମାର୍କୋଣା, ବାଲେଶ୍ୱର*

■ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ନାରୀ ଯେବେ ସାଜେ ପୁରୁଷ'ଟି ଏକ ଚମତ୍କାର ଆଲେଖ୍ୟ ଥିଲା। ଏଥିରୁ ଏମିତି କେତେଜଣ ମହିଳାଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ଜାଣିହେଲା, ଯେଉଁମାନେ ପୁରୁଷ ପ୍ରାଧାନ୍ୟ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ କରିବା ନିଶାରେ ପୁରୁଷ ବେଶ ଧରିବାକୁ ବି ପଛାଇ ନ ଥିଲେ। ତେବେ ଜଣେ ମହିଳା ପୁରୁଷ ବେଶ ଧରି ସାରା ଜୀବନ କାଟିବା ଏତେ ସହଜ ନ ଥିଲା, ଯାହାକୁ ଏହି ସାହସୀ ମହିଳାମାନେ ପ୍ରମାଣ କରି ଦେଖାଇ ଦେଇଥିଲେ। ବ୍ୟକ୍ତିତ୍ୱ ପୃଷ୍ଠାରୁ ଭାରତୀୟ ଯୁବପିଢିର ଲେଖିକା ଅନୁରାଧା ଭଟ୍ଟାଚାର୍ଯ୍ୟଙ୍କ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଚୋର' ନାମକ ଗପଟିକୁ ବି ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା।

*-କୁଳମଣି ରାଉତରାୟ, ସେମିଳିଗୁଡ଼ା, କୋରାପୁଟ*

■ ସିନେମା ପୃଷ୍ଠାରେ ସ୍ଥାନିତ 'ଦିନ ଗଣୁଛନ୍ତି କ୍ୟାଟ୍ରିନା', 'ସମ୍ଭିତ ଯାହା ଚାହୁଁଥିଲେ', 'ଡରି ଯାଇଥିଲେ ଆୟୁଷ୍ମାନ' ଏବଂ 'ନବାଗତା ଅଲାୟା' ଆଦି ପାଠଗୁଡ଼ିକ ଖୁବ୍ ମଜାଦାର୍ ଥିଲା। ସେହିପରି ନାଟ୍ୟ ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ପୁଲିନ ବିହାରୀ ମାନସିଂହଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ପ୍ରେରଣାଦାୟୀ ଥିଲା। ଅନ୍ୟପକ୍ଷେ 'ଅଜବ ମୁଦି' ପାଠଟିରୁ କେତୋଟି ଭିନ୍ନ ଡିଜାଇନ୍‌ର ହାତମୁଦି ସମ୍ପର୍କରେ ଜାଣିହେଲା। ଏଥରର ହାଃ ହାଃ ଏତେ ହାସ୍ୟାସ୍ପଦ ଥିଲା ଯେ, ହସ ଜମା ବନ୍ଦ ହେଲାନି।

*-ସୌମ୍ୟରଞ୍ଜନ ଦଳବେହେରା, ଗଞ୍ଜାମ*

■ ସହର ପୃଷ୍ଠାରୁ କୌଣ୍ଡିନ୍ୟ ବନ୍ୟପ୍ରାଣୀ ଅଭୟାରଣ୍ୟ ସମ୍ପର୍କରେ ଅନେକ କିଛି ଅଜଣା କଥା ଜାଣିବାକୁ ମିଳିଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'ସ୍ପାଇଡର୍‌ମ୍ୟାନ୍‌ଙ୍କ ସଫେଇ ଅଭିଯାନ' ପାଠଟି ଏ ସମାଜ ପାଇଁ ଏକ ଉଦାହରଣ ଥିଲା। ଯାତ୍ରା ଦେଖିବାକୁ ମୋତେ ଯେମିତି ଭଲ ଲାଗେ, ଯାତ୍ରା ସମ୍ପର୍କିତ ଲେଖା ପଢିବାକୁ ବି ମୁଁ ଖୁବ୍ ପସନ୍ଦ କରେ। ଖାସ୍ କରି ଛୁଟିଦିନର ଯାତ୍ରା ଲେଖାଗୁଡ଼ିକ ଭାରି ମନଛୁଆଁ ହୋଇଥାଏ।

*-ରାସେଶ୍ୱରୀ ପାଇକରାୟ, ମୟୂରଭଞ୍ଜ*

## ବିଶେଷ ଚିଠି



ଧରିତ୍ରୀରେ ଧରିତ୍ରୀର ଛୁଟିଦିନ
ନ ଥିଲେ ହାତରେ ମୂଲ୍ୟହୀନ।
ରବିବାରରେ ଥାଉ ଯେତେ ଜଞ୍ଜାଳ
ପ୍ରଥମ ରୋଜଗାର ବାର୍ତ୍ତା ରସାଳ।
ପ୍ରଚ୍ଛଦରେ ନାରୀ ଯେବେ ସାଜେ ପୁରୁଷ
କବିତା, ଗଳ୍ପ ପୃଷ୍ଠା ରମ୍ୟ ପରିବେଶ।
ସିନେମାରେ ମନ ଅମାନିଆ
ଅଜବ ମୁଦି ଜଗାଏ ବହୁ କିମିଆ।
କରେ ଛୁଟିଦିନ ଯେଉଁ ଯେଉଁ ବାର୍ତ୍ତା ପ୍ରକଟ
ସେ ପରି ସତ୍ୟ ସୁନ୍ଦର ଥାଉ ଚିର ନିରାଟ।

*-ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଦାମୀ ପିଜା





**ଆଜିକାର ଫାଷ୍ଟ ଫୁଡ୍ ଭିତରେ ପିଜାର ଚାହିଦା ବହୁତ। ଯୁବପିଢିଙ୍କ ମଧ୍ୟରେ ଏହା ପାଇଁ କ୍ରେଜ୍ ଦେଖିବାକୁ ମିଳେ। ତେବେ ଅନେକେ ହୁଏତ ଜାଣି ନ ଥିବେ ଏମିତି ବି ପିଜା ଅଛି, ଯାହାର ଦାମ୍ ଏତେ ଯେ ତାକୁ କିଣି ଖାଇବା ଅସମ୍ଭବ ମନେ ହେବ। ଜାଣନ୍ତୁ ସେହି ସବୁ ପିଜା ସମ୍ପର୍କରେ...**

---

**ଲୁଇସ୍ xiii ପିଜା–** ଏହି ପିଜା ଆଦୌ ସାଧାରଣ ପିଜା ନୁହେଁ। ଏହା ହେଉଛି ପୃଥିବୀର ସବୁଠାରୁ ଦାମୀ ପିଜା, ଯାହାର ମୂଲ୍ୟ ୧୨୦୦୦ ଡଲାର ବା ପ୍ରାୟ ୮, ୮୪, ୩୧୦ ଟଙ୍କା।

**ଫାଭିତାସ୍ ଫ୍ୟାମିଲି ପିଜେରିଆ–** ପିଜା ପାଇଁ ଫାଭିତା ଫ୍ୟାମିଲି ପିଜା ବହୁତ ପ୍ରସିଦ୍ଧ। ଏହି ପିଜାରେ ଟପିଂ ଆକାରରେ ଗୁଣ୍ଡ ହୀରା ପକାଯାଇଥାଏ। ତେଣୁ ଏହାର ମୂଲ୍ୟ ବହୁତ ଅଧିକ ଓ ହୀରାର ଦାମ ଅନୁସାରେ ପରିବର୍ତ୍ତନ ବି ହୋଇଥାଏ। ତେବେ ସାଧାରଣତଃ ଏହାର ମୂଲ୍ୟ ୮,୨୦୦ ଡଲାର।

**ହାଗିସ୍ ପିଜା–** ଏହି ପଜା ଜେମ୍ସ ବଣ୍ଡଙ୍କ ନାମାନୁସାରେ ୦୦୭ ଭାବେ ବି ପରିଚିତ। ଏଥିରେ ଟପିଂଭାବେ ଗୋଲ୍ଡ ଡଷ୍ଟ ଓ ସାମ୍ପେନ୍‌ରେ ବୁଡାଯାଇଥିବା ବଡ଼ ଚିଙ୍ଗୁଡି ପକାଯାଏ ଯାହା ପିଜାର ସ୍ୱାଦ ବଢାଇଦିଏ। ଏହାର ମୂଲ୍ୟ ୪୨୦୦ ଡଲାର।

**ମାର୍ଗୋସ୍ ପିଜେରିଆ–** ୨୪ କ୍ୟାରେଟ୍ ଗୋଲ୍ଡ ଲିଫ୍ ସହ ବଫାଲୋମେଜେରେଲାର ଟପିଂ ଏହି ପିଜାର ସ୍ୱାଦ ବଢାଇଦିଏ। ଏହାର ମୂଲ୍ୟ ୨୪୦୦ ଡଲାର। ୨୦୧୦ରେ ଏହା ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସବୁଠୁ ଦାମୀ କମର୍ସିଆଲୀ ଉପଲବ୍ଧ ପିଜା ଭାବେ ରେକର୍ଡ କରିଥିଲା।

**ନିନୋ ବେଲିସିମା ପିଜା–** ଏହି ପିଜାର କ୍ରଷ୍ଟ ବା ବେସ୍ ପତଳା, ତେଣୁ ଲୋକେ ବହୁତ ପସନ୍ଦ କରନ୍ତି। ବଡ଼ ଚିଙ୍ଗୁଡି ଓ ଶାମୁକାର ଟପିଂ ବହୁତ ସ୍ୱାଦିଷ୍ଟ। ଏହାର ମୂଲ୍ୟ ୧୦୦୦ ଡଲାର।





**ସି୬ ଷ୍ଟିଭେଷ୍ଟନ୍ ପିଜା–** ଏହାର ବେସ୍ ଛୋଟ। ଏହାର ଲୁକ୍ ଓ ଟେଷ୍ଟ ଉଭୟ ବହୁତ ଭଲ। ଟପିଂ ଭାବେ ଏଥିରେ ଟାଇଗର୍ ପ୍ରନ୍, ଲବଷ୍ଟର, ସ୍ମୋକ୍‌ଡ ସାଲମନ୍ ପଡିଥାଏ। ଏହାର ମୂଲ୍ୟ ୪୫୦ ଡଲାର।

**ଟ୍ରିପଲ୍ ମିଲେଫିଉଲି ପିଜା–** ଏହି ପିଜାର ବେସ୍ ଟିକେ ଟାଣ ଓ ସାଇଡ୍ ରୋଲ୍ ହୋଇଥାଏ। ତାସହ ଏହା ତିନୋଟି ଲେୟର୍ ବିଶିଷ୍ଟ ହୋଇଥାଏ। ଏଥିରେ ଚିଜ୍‌ର ଡବଲ୍ ଫିଲିଂ ଥିବାରୁ ଏହା ଭାରି ହୋଇଥାଏ। ସ୍ୱାଦ ବି ଏହାର ବହୁତ ଭଲ। ଏହାର ମୂଲ୍ୟ ୧୪୦ ଡଲାର।

**ଦ ଆଷ୍ଟିସ୍ ଇ ଟର୍ଟୁଫୋ ପିଜା–** ଦୁବାଇ କେବଳ ପର୍ଯ୍ୟଟନ ପାଇଁ ପ୍ରସିଦ୍ଧ ନୁହେଁ, ଏହା ସ୍ୱାଦିଷ୍ଟ ଖାଦ୍ୟ ପାଇଁ ବି ପ୍ରସିଦ୍ଧ। ଏଠାକାର ପିଜା ବି ବହୁତ ଲୋକପ୍ରିୟ। ଏଥିରେ ଲବଷ୍ଟର ଓ ଟ୍ରଫଲ୍(ଏକ ପ୍ରକାର ଫଙ୍ଗସ୍)ର ଟପିଂ ସହ କିଛି ଖାସ୍ ସାମଗ୍ରୀ ବ୍ୟବହାର ହୋଇଥାଏ। ତେଣୁ ଏହାର ସ୍ୱାଦ କିଛି ଭିନ୍ନ। ଏହାର ମୂଲ୍ୟ ୧୨୫ ଡଲାର।

**ଦ ମ୍ୟାଜିକ୍ ଗୋଲ୍ଡ ପିଜା–** ଟୋରେଣ୍ଟୋର ଏକ ରେଷ୍ଟୁରାଣ୍ଟରେ ମିଳିଥାଏ ଏହି ପିଜା। ଏହାର ସ୍ୱାଦ ଯେମିତି ଭିନ୍ନ ଏହାର ସର୍ଭିଂ ଷ୍ଟାଇଲ୍ ବି ଭିନ୍ନ ଓ ଖାସ୍। ଏହାକୁ ଗୋଲ୍ଡ ଲିଫ୍‌ରେ ଗାର୍ନିସ୍ କରାଯାଇ ସର୍ଭ କରାଯାଏ। ଏହି ରେଷ୍ଟୁରାଣ୍ଟରେ ଆପଣ ନିଜର ପସନ୍ଦ ମୁତାବକ ଟପିଂ ବି ବରାଦ କରିପାରିବେ। ଉକ୍ତ ପିଜାର ମୂଲ୍ୟ ୧୦୮ ଡଲାର।

**କୋବ୍ ବିଫ୍ ଷ୍ଟିକ୍ ପିଜା–** ଜାପାନରେ ଏହି ପିଜା ବହୁତ ଲୋକପ୍ରିୟ। ୭୨ ଡଲାରର ଏହି ପିଜାରେ ଟପିଂ ବିଭିନ୍ନ ପ୍ରକାରର ଥାଏ ଓ ବେଶ୍ ସ୍ୱାଦିଷ୍ଟ ବି।









# ଗୋ ସେବା



ଗୋସମ୍ପଦ ଗ୍ରାମ୍ୟ ସଂସ୍କୃତିର ସ୍ୱତନ୍ତ୍ର ଅଙ୍ଗ । ଏହା ଗାଁର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଥାଏ । ଦିନ ଥିଲା, ଯେତେବେଳେ କି ସକାଳୁ ସକାଳୁ ଗାଁ ଦାଣ୍ଡରେ ଗାଈଗୋଠ ଯିବାବେଳେ ଗାଈଆଳଙ୍କ କୁହାଟ ହେଉ  କିମ୍ବା ସୂର୍ଯ୍ୟାସ୍ତ ପୂର୍ବରୁ ସାହିକୁ ଗାଈ ଫେରିବାବେଳେ ଗୋଧୂଳିର ଦୃଶ୍ୟ ସାହିରେ ନିଆରା ଭାବ ସୃଷ୍ଟି କରୁଥିଲା । ମାତ୍ର ଆଜିକାଲି ଗାଁରୁ ଏ ସବୁ ଦୃଶ୍ୟ କ୍ରମଶଃ ଲୋପ ପାଇଯାଉଛି । ତେବେ ଏପରି ସମୟରେ ତେନ୍ତୁଳିରଗଡ଼ି ଗାଁର କଥା ଟିକେ ନିଆରା ।

ଆଠଗଡ଼ରୁ ତିଗିରିଆ-ନରସିଂହପୁର ରାସ୍ତାରେ ପ୍ରାୟ ୧୧ କି.ମି ଦୂର ଯିବାରେ ପଡ଼ିବ ଏକ ଶାଳଜଙ୍ଗଲ । ଏହି ଜଙ୍ଗଲ ରାସ୍ତା ପାରି ହୋଇ ଯିବାପରେ ବାମପଟେ ରହିଛି ଏକ ପିଚୁରାସ୍ତା । ଏଠାରୁ ପ୍ରାୟ ୮୦୦ ମିଟର ଦୂର କଟକ ଜିଲା ତିଗିରିଆ ବ୍ଲକର ପାଞ୍ଚଗାଁ ଗ୍ରାମପଞ୍ଚାୟତ ଅଧୀନ ତେନ୍ତୁଳିରଗଡ଼ି ଗାଁ । ଏହି ଗାଁର ପୂର୍ବରେ ତେନ୍ତୁଳିରଗଡ଼ି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଶ୍ଚିମରେ ବିସ୍ତୀର୍ଣ୍ଣ ଚାଷଜମି ଆଉ ନୁଖୁରିଗାଡ଼ିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ । ଗାଁର ଦକ୍ଷିଣକୁ ଚାଷଜମି ଓ ଉତ୍ତରରେ ଗ୍ରାମ୍ୟ ଜଙ୍ଗଲ, ଜେନାପଦା ଶାଳଜଙ୍ଗଲ ରହିଛି । ଗାଁ ମଝିରେ ଭଗବତ ଗୋସ୍ୱାମୀଙ୍କ ମନ୍ଦିର, ସ୍କୁଲ ନିକଟରେ ମା'ମଙ୍ଗଳା ଓ ଶନି ଦେବଙ୍କ ମନ୍ଦିର ଅବସ୍ଥିତ । ତେନ୍ତୁଳିରଗଡ଼ି ଗାଁରେ ଥିବା ପ୍ରାୟ ୯୬ ପରିବାରର ଲୋକସଂଖ୍ୟା ୫୫୦ ହେବ । ଅଧିକାଂଶ ବାସିନ୍ଦା ଚାଷଜମି ଉପରେ ନିର୍ଭରଶୀଳ । କେହି କେହି ସ୍ଥାନୀୟ ବଜାରରେ ବ୍ୟବସାୟ କରି ନିଜ ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି । ହାତଗଣତି କେତେଜଣ ବ୍ୟକ୍ତି ବିଭିନ୍ନ ସରକାରୀ ପଦପଦବୀରେ ନିଯୁକ୍ତି ପାଇଛନ୍ତି । ଗାଁରେ ଖଟୁଆ, ଗୋପାଳ, କୈବର୍ତ୍ତ ଆଦି ସମ୍ପ୍ରଦାୟର ଲୋକଙ୍କ ଘର ରହିଥିବା ବେଳେ ଗୋଟିଏ ମାତ୍ର ବାରିକ ପରିବାର ରହିଛି । ତେବେ ଗାଁରେ ପ୍ରତିବର୍ଷ ବିଭିନ୍ନ ସମୟରେ ଅଷ୍ଟପ୍ରହରି, ମାଘପୂର୍ଣ୍ଣିମା, ଚୈତ୍ରପୂର୍ଣ୍ଣିମା, କାର୍ତ୍ତିକ ମାସରେ ସପ୍ତାହ, ହିଙ୍ଗୁଳାଙ୍କ ପୀଠରେ ହୋମ, ଗୋଷ୍ଠୀଘରେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ପୂଜାର୍ଚ୍ଚନା ଉତ୍ସବ ପାଳନ କରାଯାଇଥାଏ । ଗାଁସ୍କୁଲ ପଡ଼ିଆରେ ଗ୍ରାମବାସୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥାନ୍ତି । ୨୦୧୦ ମସିହାଠାରୁ ଗ୍ରାମ୍ୟ ପାଣି ପଞ୍ଚାୟତ ବ୍ୟବସ୍ଥା ଚାଲୁରହିଛି । ଏଥିଯୋଗୁ ମାଇନର ଇରିଗେଶନରେ ଲୋକମାନେ ବେଶ୍ ଉପକୃତ ହୋଇପାରୁଥିବା ପ୍ରକାଶ କରିଛନ୍ତି । ବିଶେଷକରି ପାଣିପଞ୍ଚାୟତ ଜରିଆରେ ଗ୍ରାମର ଆୟୋଜିତ ଏକ କର୍ମଶାଳାରେ କେତେକ ବ୍ୟକ୍ତି ଟ୍ରେନିଂ ନେଇଥିଲେ । ଏପରି କି ଏହି କର୍ମଶାଳାରେ  ଭାଗନେଇଥିବା ବ୍ୟକ୍ତି ମାନେ ଗୃହପାଳିତ ପଶୁଙ୍କ ସେବା ଓ ସୁରକ୍ଷା ସମ୍ପର୍କରେ ତାଲିମ ପାଇଛନ୍ତି । କିନ୍ତୁ ଏହି ଗାଁରେ ପୋଷାଯାଇଥିବା ପ୍ରାୟ ୪୦୦ ଗୋରୁଙ୍କ ମଧ୍ୟରେ ଅଧିକାଂଶ ଦେଶୀ ଗାଈ ରହିଛନ୍ତି । ଏମାନଙ୍କ ବିଶ୍ରାମ ଓ ସୁରକ୍ଷା ପାଇଁ ପ୍ରାୟ ୬୦ଟି ଗୁହାଳ ରହିଛି । ଗୋରୁଙ୍କୁ ଚରେଇବା ପାଇଁ ଗାଁରେ ୨ଜଣ ଗୋପାଳ ସମ୍ପ୍ରଦାୟର ଗାଈଆଳ ଥିଲେ । ଏମାନେ ଗାଁର ଗୃହପାଳିତ ଗୋରୁଙ୍କୁ ଚରେଇବା ପାଇଁ ନିକଟସ୍ଥ ଜଙ୍ଗଲ, ପଡ଼ିଆ ଓ ଚାଷଜମିକୁ ନେଉଥିଲେ । ସମୟକ୍ରମେ ଗାଈଆଳ ଗୋରୁ ଚରେଇବା ପାଇଁ ଆଉ ରାଜି ହେଲେନାହିଁ । ଗାଁରେ ଥିବା ଶତାଧିକ ଗାଈଙ୍କ ପାଇଁ ପେଟପୂରା ଖାଇବାକୁ ଘରେ ଦେବା ସମ୍ଭବ ନୁହେଁ, ତେଣୁ ଗୋରୁଙ୍କ ସୁରକ୍ଷା ପାଇଁ ଗ୍ରାମରେ ସଭା ବସିଲା । ଗ୍ରାମବାସୀଙ୍କ ନିଷ୍ପତ୍ତିକ୍ରମେ ପ୍ରତି ଘରେ ଥିବା ଗୃହପାଳିତ ପଶୁଙ୍କ ସଂଖ୍ୟା ଅନୁସାରେ ସେହି ପରିବାର ସହଯୋଗରେ ଲୋକମାନେ ଗୋରୁଙ୍କୁ ଚରେଇବାକୁ ନେବେ । ଏଥିପାଇଁ ପାଳିକରି ପ୍ରତ୍ୟେକ ପରିବାରର ପୁରୁଷ ବ୍ୟକ୍ତି ହିଁ ନିଜ ପାଳିଦିନ ଗାଈଙ୍କୁ ଚରେଇବା ଦାୟିତ୍ୱ ନେଲେ । ଏମିତିରେ ଆଜକୁ ପ୍ରାୟ ୪ବର୍ଷ ଧରି ପ୍ରତିଦିନ ଗାଁର ପ୍ରାୟ ୩ଜଣ ବ୍ୟକ୍ତି ସକାଳ ୧୦ରୁ ଅପରାହ୍ନ ୫ଟା ଯାଏ ଏହି କାର୍ଯ୍ୟକୁ ସୁଚାରୁରୂପେ କରିଆସୁଛନ୍ତି । ସାହିରୁ ଗୋରୁଗୋଠ ନେଇ ନିକଟସ୍ଥ ଜଙ୍ଗଲ , ପଡ଼ିଆ ଓ ବିଲମାଳକୁ ଯାଇଥାନ୍ତି । ତେଣୁ ଗାଁର ପଡ଼ିଆ ଚାଷଜମିରେ ଘାସ

**ଗୋ' ସେବା କେବଳ ପରମ୍ପରା ନୁହେଁ, ଗ୍ରାମ୍ୟ ଅର୍ଥନୀତିର ଏକ ମୁଖ୍ୟ ଅଂଶ ମଧ୍ୟ। ତେବେ ଆସ୍ତେ ଆସ୍ତେ ଗୋ' ସେବା ପ୍ରତି ଲୋକଙ୍କର ଆଗ୍ରହ କମୁଥିବାବେଳେ ଏବେବି କିଛି ଗାଁ ରହିଛି ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ଗୋପାଳନ ଓ ଗୋ' ସେବାକୁ ବ୍ରତ କରିଛନ୍ତି...**





ଅକ୍ଷୟ କୁମାର ସାହୁ



ବନମାଳି ଦାସ



କବି ଖଟୁଆ



ସୁରେଶ ଚନ୍ଦ୍ର ସାହୁ



କୈଳାଶ ବେହେରା



ଶରତ ଖଟୁଆ



# ପରମ୍ପରାରେ ଗୋସେବା

**ଭା**ରତୀୟ ସଂସ୍କୃତି ପୂଜ୍ୟପୂଜାର ସଂସ୍କୃତି । ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଗୋସେବା କରି ଗୋପାଳ ନାମରେ ଖ୍ୟାତ । ଅଯୋଧ୍ୟରେ ରାଜା ଦିଲୀପ ଓ ସତ୍ୟକାମ ଗୋସେବା କରି ନିଜକୁ ଧନ୍ୟ ମନେକରିଥିଲେ। ବଶିଷ୍ଠଙ୍କ ଆଶ୍ରମରେ ଗୋଟିଏ କାମଧେନୁ ଗାଇ ସହସ୍ରାଧିକ ଲୋକଙ୍କୁ ଖାଦ୍ୟପେୟ ଯୋଗାଇଥିବାର ଲୋକକଥା ରହିଛି। ଏମିତି ବି କୁହାଯାଏ ଯେ ଗୋମାତାଙ୍କ ଦେହରେ ତେତିଶକୋଟି ଦେବତା ବାସ କରନ୍ତି। ଏତ ସବୁ ବିଶ୍ୱାସର କଥା । କିନ୍ତୁ ପ୍ରକୃତ ପକ୍ଷେ ଗୋମାତା ଆମର ଯେତିକି ଉପକାର କରନ୍ତି ସେତିକି ଆମେ ଅନ୍ୟ କାହାଠାରୁ ପାଇବା ନାହିଁ। ଗୋଦୁଗ୍ଧ ଆଧାତ୍ମିକ ସାଧନା ପାଇଁ ଅତି ମହତ୍ୱ ପୂର୍ଣ୍ଣ ବୋଲି ସ୍ୱାମୀ ଶିବାନନ୍ଦ ସରସ୍ୱତୀ କହିଛନ୍ତି। ଆୟୁର୍ବେଦରେ ଗୋଦୁଗ୍ଧ –ଗୋମୂତ୍ରର ଉପାଦେୟତା ପ୍ରଶଂସିତ। ପ୍ରାଚୀନ ଭାରତରେ ଗୋହତ୍ୟା ମନୁଷ୍ୟର ହତ୍ୟା ସହ ସମାନ ଥିଲା। ଅଥବା ତା ଠାରୁ ଅଧିକ ଜଘନ୍ୟ ଅପରାଧ ବୋଲି ପରିଗଣିତ ଥିଲା। ଗୋପୂଜା ପରମ୍ପରା ଭାରତରେ ବହୁପୁରାତନ। ହିନ୍ଦୁଧର୍ମରେ ବିଶ୍ୱାସ ରହିଛି ଗୋମାତାଙ୍କ ରକ୍ଷଣାବେକ୍ଷଣ କଲେ ଧନ, ସମ୍ପତି ବୃଦ୍ଧି ସହିତ ପରିବାରର ମଙ୍ଗଳ ହୋଇଥାଏ। ଗୋସେବା ଓ ଗୋପୂଜନ କଲେ କୋଟି ପୁଣ୍ୟର ଫଳ ମିଳେବୋଲି ବିଶ୍ୱାସ ରହିଛି। କିନ୍ତୁ ଦିନକୁଦିନ ରାଜ୍ୟରେ ଏହି ପ୍ରାଣୀମାନଙ୍କ ସଂଖ୍ୟା କମି ଯାଉଥିବା ବେଳେ ଏମାନଙ୍କ ସେବା ଓ ସୁରକ୍ଷାରେ ସଙ୍କଟ ଦେଖାଦେଇଛି। ଯାହା ପରିବେଶ ପାଇଁ ଅଶୁଭ ସଙ୍କେତ ମନେହୁଏ।

ଚରିବା ପାଇଁ ସୁବିଧା କରାଯାଇଥାଏ। ଏହି କାର୍ଯ୍ୟରେ ଗ୍ରାମର ସଭାପତିଙ୍କଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଚାକିରି କରୁଥିବା ବ୍ୟକ୍ତିବିଶେଷ ବି ଯୋଗଦେଇଥାନ୍ତି। କିନ୍ତୁ ରବିବାର ଛୁଟିଦିନରେ ଗାଁର ସରକାରୀ, ବେସରକାରୀ କର୍ମଚାରୀମାନେ ଏଥିରେ ସାମିଲ ହୋଇଥାନ୍ତି। ଏମିତି ଗାଁ ଲୋକଙ୍କ ଗୋସେବା ପ୍ରୟାସ ଜାରି ରହିଥିବା ଆଗ୍ରହକୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ତେନ୍ତୁଳିରଗଡି କୁ ଏକ ନିଆରା ପରିଚୟ ଦେଇଛି। ଅନ୍ୟପକ୍ଷେ ଗୋବଂଶର ସୁରକ୍ଷା ପାଇଁ ଓଡ଼ିଶାର ଥିବା ଆଉ କେତେକ ଅଞ୍ଚଳର ଗ୍ରାମବାସୀ ପାଳିକରି ଗାଈଚରେଇବା ପାଇଁ ପଦକ୍ଷେପ ନେଇଛନ୍ତି। ଏଥିଯୋଗୁ ଗୋସମ୍ପଦ ସୁରକ୍ଷା କ୍ଷେତ୍ରରେ ଗୋସେବକଙ୍କୁ ପ୍ରେରଣା ଯୋଗାଇଛି। ଏ ସମ୍ପର୍କରେ ଏହି ଗାଁର ସଭାପତି ସୁରେଶ ଚନ୍ଦ୍ର ସାହୁ କୁହନ୍ତି, ଗୋବର ଖତକୁ ଚାଷଜମିରେ ପ୍ରୟୋଗ କରି ବର୍ଷର ସବୁ ସମୟରେ ପନିପରିବା ଏବଂ ଧାନଚାଷ କରାଯାଇଥାଏ ।
–ଏହି ଜୈବିକ ଗୋବର ଖତର ପ୍ରୟୋଗ ଫସଲ ପାଇଁ ଆବଶ୍ୟକ ଖଣିଜ ପଦାର୍ଥ ଯବକ୍ଷାରଜାନ, ଫସ୍ଫରସ, ପଟାସ ଆଦିର ଅଭାବକୁ ପୂରଣ କରେ। ଭୂମିର ଲାଭଦାୟକ ଜୀବାଣୁଙ୍କ ସଂଖ୍ୟା ବୃଦ୍ଧି କରେ। ଆମ କୃଷିଭିତ୍ତିକ ଅର୍ଥନୀତିକୁ ସମୃଦ୍ଧ କରିବା ଦିଗରେ ଗୃହପାଳିତ ଗୋରୁଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏହି ଗାଁର କୈଳାସ ବେହେରା କୁହନ୍ତି, ଗାଈକୁ ଗୁହାଳରେ ଘାସ ଦେବାଠାରୁ ଆରମ୍ଭ କରି ସେବାଯତ୍ନ କରାଯାଇଥାଏ। ଗାଈ ଚରେଇବାକୁ କେହି କୁଣ୍ଠାବୋଧ କରୁନାହାନ୍ତି। ସମସ୍ତଙ୍କ ନିଷ୍ପତ୍ତିରେ ଗୋସେବା କାର୍ଯ୍ୟ ଚାଲୁରହିଛି। ନିଜ ଗୋରୁଙ୍କ ସେବାଯତ୍ନ ପାଇଁ ଗ୍ରାମର ପ୍ରତ୍ୟେକ ପରିବାରରୁ ପାଳିକରି ଗାଈଆଳ ଭାବେ ଗାଈ ଚରାଇବା ଓ ଗୋଠର ଦାୟିତ୍ୱ ନେଇଛନ୍ତି ଗ୍ରାମବାସୀ। ମାତ୍ର ଏହି ଗାଁରେ ପ୍ରାଣୀ ଚିକିତ୍ସାଳୟଟିଏ ନାହିଁ। ଗାଁକମିଟିର ସମ୍ପାଦକ ଶରତ କୁମାର ଖଟୁଆ କୁହନ୍ତି, ଦୈନନ୍ଦିନ ଜୀବନରେ ପରିବେଶ ସୁରକ୍ଷା କଥା ସବୁଠୁ ବଡ଼ ଚିନ୍ତା । ତେବେ କେବଳ ଚିନ୍ତା କଲେ ତ ହେବନି, ସେଥିପାଇଁ ସମାଧାନର ବାଟ ଖୋଜିବା ଦରକାର । ସୁସ୍ଥ ପରିବେଶ ପାଇଁ ଗୋସମ୍ପଦର ଭୂମିକା ରହିଛି। ସାଧାରଣ ନିରକ୍ଷରଙ୍କ ଠାରୁ ଆରମ୍ଭ କରି ଶିକ୍ଷିତଙ୍କ ପର୍ଯ୍ୟନ୍ତ ଗୋଷ୍ଠୀଗତ ଜୀବନରେ ଗୋସମ୍ପଦ ପ୍ରଭାବ ପକାଇଥାଏ ବୋଲି ଗ୍ରାମବାସୀ ବୁଝିପାରିଛନ୍ତି।

**ଗାଁ ପାଳିରେ ଗୋସେବା:** କେନ୍ଦ୍ରାପଡ଼ା ଜିଲା ରାଜନଗର ଓ ଆଳି ବ୍ଲକର ବାଳକାଟୀ, ରାଣିପୋଖରୀ, ନାଗପଡ଼ା, ଆନନ୍ଦନଗର ପାଟଣା ଆଦି ଏକାଧିକ ଗାଁରେ ଗ୍ରାମବାସୀ ପାଳିକରି ନିଜର ଗୋରୁଙ୍କୁ ଚରେଇବା ପାଇଁ ଗାଈଆଳ ସାଜିଥାନ୍ତି । ଅକ୍ଷୟ କୁମାର ସାହୁ କୁହନ୍ତି, ଆମ ଅଞ୍ଚଳରେ ପାଳି ଅନୁସାରେ ଗାଁରେ ସକାଳ ୮ଟାରୁ ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଚରେଇବା ପାଇଁ ନିକଟସ୍ଥ ପାଳ, ଗଡ଼ଗଡ଼ିଘାଟ ଆଦି ନଈପଠାଆଡ଼େ ନେଇଥାଉ। ଏଠାରୁ ପ୍ରାୟ ଅପରାହ୍ନ ୪ଟା ପରେ ଘରକୁ ଫେରିଥାଉ।
କାହାରି ପାଳିଦିନରେ ଯଦି କେହି ଯାଇପାରନ୍ତି ନାହିଁ ସେଥିପାଇଁ ସେଦିନ ପାଳିରେ ଗାଈଚରେଇବାକୁ ଯାଇଥିବା ବ୍ୟକ୍ତିଙ୍କୁ କିଛି ପାରିଶ୍ରମିକ ପ୍ରଦାନ କରାଯାଇଥାଏ। ଏମିତି ବ୍ୟବସ୍ଥା ବହୁବର୍ଷଧରି ଆମ ଅଞ୍ଚଳରେ ଚଳିଆସୁଛି।


ସେହିପରି ଏହି ଜିଲାର ମ୍ୟୁନିସିପାଲିଟି ଅଧୀନସ୍ଥ ଅଚ୍ୟୁତପୁର ମଧ୍ୟଖଣ୍ଡି ଗାଁର ମହେଶ୍ୱର ଦାଶ କୁହନ୍ତି, ନାରଣପୁର, କୁହୁଡ଼ି, ବରେଇ, ଅନ୍ତରଗଡ଼, ଜାଗୁଲେଇପଡ଼ା ଅଦି ଗାଁରେ ଗୃହପାଳିତ ଗୋରୁଙ୍କୁ ଗ୍ରାମବାସୀ ପାଳିକରି କେନାଲବନ୍ଧ, ବିଲ ପଡ଼ିଆ ଜମିକୁ ଚରେଇବାକୁ ଗାଈଆଳ ଭାବେ ଗ୍ରାମବାସୀ ପାଳିକରି ନେଇଥାନ୍ତି। ଯଦି ପାଳିଦିନରେ କେହି ଗାଈଚରେଇବାକୁ ନ ଯାଇପାରନ୍ତି ତେବେ ସେଦିନର ପାଳିରେ ଯିଏ ଯିବେ ତାଙ୍କୁ ଏଥିପାଇଁ ନିର୍ଦ୍ଦିଷ୍ଟ ପାରିଶ୍ରମିକ ଦେଇଥାନ୍ତି।

**–ବନବିହାରୀ ବେହେରା**







# କଭି କଭି ମେରେ ଦିଲ୍ ମେଁ...



"କଭି କଭି ମେରେ ଦିଲ୍ ମେଁ ଖୟାଲ ଆତା ହୈ
କି ଜୈସେ ତୁଝକୋ ବନାୟା ଗୟା ହୈ ମେରେ ଲିୟେ
ତୁ ଅବ୍ ସେ ପେହେଲେ ସିତାରୋଁ ମେଁ ବସ୍ ରହି ଥି କହିଁ
ତୁଝେ ଜମିନ୍ ପେ ବୁଲାୟା ଗୟା ହୈ ମେରେ ଲିୟେ।"





୧୯୭୬ରେ ୟସ୍ ଚୋପ୍ରା ନିର୍ମାଣ କରିଥିଲେ ଫିଲ୍ମ 'କଭି କଭି'। 'କଭି କଭି' ରିଲିଜ୍ ହେବା ପରେ ଭାରତୀୟ ସଙ୍ଗୀତ ଜଗତରେ ଚହଲ ପକେଇ ଦେଇଥିଲା ଏକ ଗୀତ: 'କଭି କଭି ମେରେ ଦିଲ୍ ମେଁ ଖୟାଲ ଆତା ହୈ!' ଗୀତର ଗାୟକ ଥିଲେ ମୁକେଶ। ଗୀତଟିକୁ ଲେଖିଥିଲେ ସାହିର ଲୁଧିଆନ୍ୱୀ। ଆଉ ଏଭଳି ଏକ ଚିରସବୁଜ ସଙ୍ଗୀତ ଯିଏ ସୃଷ୍ଟି କରିଥିଲେ ସେ ଥିଲେ ପ୍ରସିଦ୍ଧ ମ୍ୟୁଜିକ୍ କମ୍ପୋଜର ମହମ୍ମଦ ଜହୁର ହାସ୍ମୀ। ସଂକ୍ଷେପରେ ଯାହାଙ୍କୁ ସମ୍ବୋଧନ କରାଯାଏ 'ଖୟାମ୍' ବୋଲି। ଏହି ଗୀତ ସହିତ ବଲିଉଡ୍ ସଙ୍ଗୀତରେ ଖୟାମ୍-ଲୁଧିଆନ୍ୱୀ ଯୋଡ଼ିର ଜନ୍ମ ହୋଇଥିଲା। ଖୟାମ୍ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି ହିର ରାନ୍ଝା, ବିଓ୍ୱି, ପ୍ୟାର୍ କି ବାତେଁ, ଫୁଟ୍‌ପାଥ୍, ବାରୁଦ୍, ସୋଲା ଔର ସବ୍‌ନମ୍, ଆଖିର ଖତ୍, ମେରା ଭାଇ ମେରା ଦୁଷ୍ମନ୍ ଏବଂ ଆହୁରି ଅନେକ। ସେ ଫିଲ୍ମ 'କଭି କଭି' ପାଇଁ ପ୍ରଥମ ଫିଲ୍ମଫେୟାର ଆୱାର୍ଡ ହାସଲ କରିଥିଲେ। ୨୦୦୭ରେ ତାଙ୍କୁ ମିଳିଥିଲା ସଙ୍ଗୀତ ନାଟକ ଏକାଡେ଼ମୀ ଆୱାର୍ଡ। ୨୦୧୧ରେ ତାଙ୍କୁ 'ପଦ୍ମ ଭୂଷଣ' ସମ୍ମାନରେ ସମ୍ମାନିତ କରାଯାଇଥିଲା।


**ସଙ୍ଗୀତ ଯାତ୍ରା :** ୧୯୨୭ ମସିହା ଫେବୃୟାରୀ ୧୮ ତାରିଖରେ ପଞ୍ଜାବର ରାହୋଁ ନାମକ ଏକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ ମହମ୍ମଦ ଜହୁର ହାସ୍ମୀ ଓରଫ୍ ଖୟାମ୍। ସେତେବେଳେ ତାଙ୍କ ଜନ୍ମସ୍ଥାନ ବ୍ରିଟିଶ୍ ଇଣ୍ଡିଆ ଅନ୍ତର୍ଗତ ଥିଲା। ପିଲାଟି ବେଳରୁ ଖୟାମ୍ ଗୀତ ନାଚ ପ୍ରତି ଆକୃଷ୍ଟ ଥିଲେ। ଫିଲ୍ମ ଦେଖିବାରେ ସମୟ ବିତାଉଥିଲେ। ଦିଲ୍ଲୀରେ ଥିଲା ତାଙ୍କର ମାମୁଘର। ସେ ଦିନେ ଲୁଚି ମାମୁଘରକୁ ପଳେଇ ଆସିଲେ। ଆଉ ମାମୁଘରେ ହିଁ ରହିଲେ। ମାମୁଘରେ ଥିବା ବେଳେ ତାଙ୍କର ସଙ୍ଗୀତ ପ୍ରତି ଆଗ୍ରହ ଥିବା ଦେଖି ମାମୁ ତାଙ୍କୁ ସଙ୍ଗୀତ ଶିକ୍ଷା ଦେବା ଉଚିତ ମନେକଲେ। ଆଉ ତାଙ୍କୁ ନେଇ ପଣ୍ଡିତ ଅମରନାଥଙ୍କ ନିକଟକୁ ଗଲେ। ପିଲାଟି ଭିତରେ ଥିବା ସଙ୍ଗୀତ ପ୍ରତିଭା ପଣ୍ଡିତ ଅମରନାଥଙ୍କୁ ଅଭିଭୂତ କରିଦେଇଥିଲା। ସେ ତାଙ୍କୁ ସଙ୍ଗୀତ ଶିକ୍ଷା ଦେବାଲାଗି ସମ୍ମତି ପ୍ରକାଶ କରିଥିଲେ। ଏଇଠୁ ଆରମ୍ଭ ହୋଇଥିଲା ମହମ୍ମଦ ଜହୁରଙ୍କ ସଙ୍ଗୀତ ଯାତ୍ରା। ପରେପରେ ସେ ହୁସ୍‌ନଲାଲ ଏବଂ ଭଗତରାମ୍‌ଙ୍କ ଭଳି ଶାସ୍ତ୍ରୀୟ ସଙ୍ଗୀତ ବିଶାରଦଙ୍କ ଠାରୁ ସଙ୍ଗୀତରେ ତାଲିମ୍ ନେଲେ।

**ବମ୍ବେ-ଲାହୋର-ବମ୍ବେ:** ପାଞ୍ଚବର୍ଷ ସଙ୍ଗୀତ ଶିଖେଇବା ପରେ ପଣ୍ଡିତ ଅମରନାଥ ଉପଲବ୍ଧି କଲେ ଯେ, ମହମ୍ମଦ ଜହୁର୍‌ଙ୍କ ଭିତରେ ସଙ୍ଗୀତ ସୃଷ୍ଟି କରିବାର ପ୍ରତିଭା ରହିଛି। କାରଣ ସେ ନିଜ ଅଜାଣତରେ ଅନେକ ନୂଆ ସ୍ୱର ସୃଷ୍ଟି କରିପାରୁଛନ୍ତି। ପୁଣି ଫିଲ୍ମରେ କାମ କରିବାକୁ ସେ ବଡ଼ ଆଗ୍ରହୀ। ସେଥିଲାଗି ସେ ତାଙ୍କୁ କହିଲେ ଯେ, ଦିଲ୍ଲୀରେ ରହିଲେ ସଙ୍ଗୀତ କରିପାରିବନି। ତେଣୁ ତୁମେ ବମ୍ବେ କିମ୍ବା ଲାହୋର ଚାଲିଯିବା ଉଚିତ। ସେତେବେଳକୁ ମହମ୍ମଦ ଜହୁର୍‌ଙ୍କୁ ମୋଟେ ୧୫ବର୍ଷ। ସଙ୍ଗୀତ ନିଶାରେ ସେ ବମ୍ବେ ଚାଲିଆସିଲେ। ହେଲେ ବମ୍ବେ ଏକ ସହଜ ସହର ନ ଥିଲା ଜଣେ ୧୫ବର୍ଷ କିଶୋର ପାଇଁ। ବମ୍ବେରୁ ନିରାଶ ହୋଇ ସେ ଚାଲିଗଲେ ଲାହୋର। ଲାହୋରରେ ତାଙ୍କ ଭେଟ ହେଲା ସେତେବେଳର ପ୍ରଖ୍ୟାତ ସଙ୍ଗୀତକାର ଗୁଲାମ୍ ଅହମ୍ମଦ ଚିସ୍ତିଙ୍କ ସହିତ। ତାଙ୍କୁ ସମସ୍ତେ ଚିସ୍ତିବାବା ବୋଲି ଡାକୁଥିଲେ। ପିଲାଟି ଭିତରେ ସଙ୍ଗୀତର ଏକ ସାଗର ଲୁଚି ରହିଛି ବୋଲି ଅନୁଭବ କଲେ ଚିସ୍ତିବାବା, ଆଉ ତାଙ୍କର ସହାୟକ ଭାବରେ ନିଯୁକ୍ତି ଦେଲେ। ତେବେ ତାଙ୍କର ଭାଗ୍ୟ ବମ୍ବେରେ ହିଁ ଲେଖା ହୋଇ ରହିଥିଲା। ସେ ଲାହୋରରେ ରହିଥାନ୍ତେ କିପରି ? କିଛିବର୍ଷ ଲାହୋରରେ ରହିବା ପରେ ମହମ୍ମଦ ଜହୁର୍ ବମ୍ବେ ଚାଲିଆସିଲେ। ବାସ୍ତବିକ ବମ୍ବେ ହିଁ ତାଙ୍କୁ ଦେଲା ପରିଚିତି ଓ ପ୍ରସିଦ୍ଧି।

**ଶର୍ମାଜୀ-ବର୍ମାଜୀ :** ଅନେକ ସଂଘର୍ଷ କରିବା ପରେ ୧୯୪୮ରେ ତାଙ୍କୁ ମିଳିଲା 'ହିର ରାନ୍‌ଝା' ଫିଲ୍ମ। ତେବେ ଏଥିରେ ତାଙ୍କ ସହିତ ଥିଲେ ସଙ୍ଗୀତ ନିର୍ଦ୍ଦେଶକ ରେହମାନ୍ ହୁସେନ୍। ଏହି ଦୁଇଜଣ ୧୨ଟି ଗୀତର ସୁର କରିଥିଲେ ସେହି ଫିଲ୍ମ ପାଇଁ। ଫିଲ୍ମରେ ସେମାନଙ୍କ ନାମକୁ ଶର୍ମାଜୀ-ବର୍ମାଜୀ ବୋଲି ଉଲ୍ଲେଖ କରାଯାଇଥିଲା। ଫିଲ୍ମର ପ୍ରଯୋଜକ ଦୁଇ ଜଣଙ୍କ ନାମ ଖୁବ୍ ବଡ଼ ହୋଇଯିବ ଆଉ ଲୋକମାନେ ତାହାକୁ ମନେ ରଖିପାରିବେ ନାହିଁ ବୋଲି ଭାବି ଏପରି କରିଥିଲେ। ସେତେବେଳକୁ ସେ 'ଖୟାମ୍' ହୋଇ ନଥିଲେ। ମହମ୍ମଦ ଜହୁର୍ ହାସ୍‌ମୀ ନାମରେ ପରିଚିତ ଥିଲେ। ଏହାପରେ ଭାରତ ବିଭାଜିତ ହେଲା। ରେହମାନ୍ ହୁସେନ୍ କ୍ୟାରିଅର କରିବା ପାଇଁ ଲାହୋର ଚାଲିଗଲେ। ସେ ଏକୁଟିଆ ଶର୍ମାଜୀ ନାମରେ କେତେଗୋଟି ଫିଲ୍ମ କରିଥିଲେ। ସେଥିମଧ୍ୟରୁ ପର୍ଦା, ବିଓ୍ୱି ଆଦି ଅନ୍ୟତମ। ବିଓ୍ୱିରେ ସେ ପ୍ରଥମ ହିଟ୍ ସଙ୍ଗୀତର ସ୍ୱାଦ ଚାଖିଲେ। ତାହା ଥିଲା ମହମ୍ମଦ ରଫି ଗାଇଥିବା 'ଅକେଲେ ମେଁ ୱ ଘବରାତା ତୋ ହୋଙ୍ଗେ'।

**ଶେଷରେ ଫୁଟ୍‌ପାଥ୍ :** କିଛିଦିନ ସେ ଶର୍ମାଜୀ ନାମରେ ସଙ୍ଗୀତ ନିର୍ଦ୍ଦେଶନା ଦେବାରେ ଲାଗିଲେ। ୧୯୫୩ରେ ଆସିଲା ଫିଲ୍ମ 'ଫୁଟ୍‌ପାଥ୍'। ଏହାର ନିର୍ଦ୍ଦେଶକ ଥିଲେ ଜିଆ ସରହଦୀ। ତାଙ୍କୁ ଶର୍ମାଜୀ ନାମଟି ଭାରି ପୁରୁଣାକାଳିଆ ମନେ ହେଉଥିଲା। ଆଉ ସେ ତାକୁ ଗୋଟିଏ ନୂଆ ନାମରେ ପରିଚିତ କରେଇବାର ଯୋଜନା ଥିଲା। ଅନେକ ଚିନ୍ତା କରିବା ପରେ 'ଖୟାମ୍' ନାମଟି ତାଙ୍କ ମୁଣ୍ଡକୁ ଜୁଟିଲା। ବାସ୍ତବିକ୍ ଖେୟାଲ ଏବଂ ଠୁମ୍‌ରି ସଙ୍ଗୀତରେ ମହମ୍ମଦ ଜହୁର୍‌ଙ୍କର ଖୁବ୍ ପ୍ରବେଶ ଥିଲା। ସେହି ଖେୟାଲ ଶବ୍ଦରୁ ଖୟାମ୍ ଶବ୍ଦଟି ତାଙ୍କ ମୁଣ୍ଡକୁ ଜୁଟିଲା। ଆଉ ସେ 'ଖୟାମ୍' ନାମଟିକୁ ତାଙ୍କର 'ଫୁଟ୍‌ପାଥ୍' ମୁଭିର ମ୍ୟୁଜିକ୍ ଡିରେକ୍ଟର ଭାବରେ ରଖିଲେ। ତାହା ମଧ୍ୟ ତାଙ୍କ ଭାଗ୍ୟକୁ ସୁହାଇଲା ଓ ଗୀତଗୁଡ଼ିକ ମଧ୍ୟ ଖୁବ୍ ହିଟ୍ କଲା। ଏହାପରେ ସେ 'ଖୟାମ' ଭାବରେ ନିଜର ପରିଚିତି ହାସଲ କଲେ। ୨୦୧୯ ଅଗଷ୍ଟ ୧୯ ତାରିଖରେ ଏହି ମହାନ୍ ସଙ୍ଗୀତଜ୍ଞଙ୍କ ପରଲୋକ ଘଟିଥିଲା।







## ଚୁଲୁବୁଲି ନାୟିକା

– ସୌମେନ୍ଦ୍ର ମହାନ୍ତି

ଚୁଲୁବୁଲି ନାୟିକାଟିଏ,
ବିଲକୁଲ କଅଁଳ,
କୋମଳ କଢିଟିଏ ପରି,
ଚାଲିଗଲା ପାଖଦେଇ,
ତେର୍ଚ୍ଛା ଚାହାଣିରେ
ଆଖି ସହ ଆଖି ମିଶାଇ,
ଆନମନା ମନରେ ମୋର
ସୃଷ୍ଟିକଲା ପ୍ରୀତିର ଉତ୍ପୀଡ଼ନ,
ବଢିଚାଲିଲା ହୃଦସ୍ପନ୍ଦନ,
ସୁପ୍ତ ମନଟି ମୋ
ଭଙ୍ଗ କଲା ତା'ର ଶୟନ,
ହୋଇଗଲା ଜାଗ୍ରତ
ଆଉ ଖୋଜି ବୁଲିଲା
ସେଇ ଅନାମିକା
ନାୟିକାର ପଦଚିହ୍ନ ।

*– ରାଣୀଓଳା, କସର୍ଦା, କଟକ*

## ଯାତ୍ରା

ଡ. କିଶୋର ମହାନ୍ତି

ଶୂନ୍ୟରୁ ଶୂନ୍ୟକୁ ଯାତ୍ରା
ନିର୍ଲିପ୍ତ, ନିର୍ବିକାର ନିରୁଦ୍ଦିଷ୍ଟ
ହେବାର ଏ ଯାତ୍ରା
ପାହାଚ ପରେ ପାହାଚ
ପଥଶୂନ୍ୟ...ଛାୟା ହୀନ
ନୀରବ ଶୋଭା ଯାତ୍ରା...
କେତେବେଳେ ଛାଇ ଆଲୁଅର ଖେଳ
ଅବା ମାୟା ମରୀଚିକା
ପଥ ବହୁଦୂର
ପଥ କ୍ଲାନ୍ତ ପାନ୍ଥ
ଏତ ନିରବଧି ଯାତ୍ରା
ଚାଲିଛି ଚାଲିବ ଚାଲୁଥିବ
ଶୂନ୍ୟରେ ମିଶିଯିବା ପାଇଁ
ଆନନ୍ଦ ନଗ୍ରକୁ ଯାତ୍ରା..

*–ସିଡିଏ, କଟକ ୧୪*

# ସେ, ମୁଁ, ମାଛ, ମାଛରଙ୍କା

ବିକ୍ରମ ପ୍ରସାଦ ପଣ୍ଡା

କ'ଣ କେବେ ଖାଦ୍ୟ ଆଉ ଖାଦକ ଭିତରେ ହୋଇପାରେ ପ୍ରେମ ? ଏଇ ଯେମିତି ବେଙ୍ଗ-ସାପ, ପେଚା-ମୂଷା, ହରିଣ-ଚିତା । ମତେ ଚାହିଁ ସେ ଏମିତି ଗୋଟେ ଅଜବ ପ୍ରଶ୍ନ କଲା । ଆଉ ଉତ୍ତର ଶୁଣିବାକୁ ଚାହିଁ ରହିଲା ମୋ ମୁହଁକୁ ।

-କିଛି କାନରେ ପଶିଲା ନା ନାହିଁ । କ'ଣ ବଲ ବଲ କରି ଚାହିଁଛୁ । ସିଧା ସିଧା କହ । ନ ହେଲେ ଦେଖିବୁ ତୋ'ର କ'ଣ ଅବସ୍ଥା କରିବି ।

-ଭାରି ଜିଦିଆ ସେ । ତା' ମନକୁ ନ ଛୁଇଁବା ଯାଏ କିଛି ବୁଝିବନି । ଓଲଟି ଆମାଜନରୁ ଆମେରିକା, ଡେରାଡୁନରୁ ଦୁବାଇ ଯାକର କଥା କହିବ । ବଡ଼ ଚିନ୍ତାରେ ପଡ଼ିଲା ମଣିଷ । କ'ଣ କହି ଯାକୁ ବୁଝେଇବି!!! ମନ ମଗଜକୁ ସ୍ଥିର କଲି ଆଉ ଆରମ୍ଭ କଲି କହିବା । ସେ ଜାକି ହୋଇ ଆସିଲା ଆଉଟିକେ ପାଖକୁ ।

-ଦୁଇଦିନ ହେଲା ଝଡ଼ି । ଭାରି ଭୋକିଲା ମାଛରଙ୍କା । ଉଡ଼ିବାକୁ ଡେଣାରେ ଜୁ' ନାହିଁ । ହେଲେ ତାକୁ ଉଡ଼ିବାକୁ ପଡ଼ିବ । ଯେମିତି ହେଲେ ତଲାସ କରିବାକୁ ପଡ଼ିବ ଶିକାରଟେ । ମେଘମେଦୁର ଆକାଶ ଟିକେ ଫର୍ଚ୍ଚା ହେଲାଣି । ଗଛ କୋରଡ଼ରୁ ମୁଣ୍ଡ ଟୁଙ୍ଗାରିଲା । ଝାଡ଼ିଝୁଡ଼ି ହେଲା । ସବୁ ବଳ ଖର୍ଚ୍ଚ କରି ଉଡ଼ିଗଲା ପୋଖରୀ ଆଡ଼କୁ । ତୀକ୍ଷ୍ଣ ନଜରରେ ନିରୀକ୍ଷଣ କଲା । ଥରେ ଦି' ଥର ଚକ୍କର ବି ମାରିଲା । ତା' ଆଖି ସାମ୍ନାରେ ଏବେ ଥିଲା ପେଟ ଭର୍ତ୍ତି କରିଦେବା ଭଳି ମାଛଟେ । ମାଛରଙ୍କା-ମାଛ ଭିତରେ ମାତ୍ର ୧୫ ଫୁଟର ଦୂରତା । ଚାହିଁଲେ ୨ ସେକେଣ୍ଡରେ ଝାମ୍ପି ନେଇପାରିବ । ହେଲେ ଏମିତି ହେଲାନି । ସେ ଯେମିତି ପାଲଟି ଯାଉଛି ଶକ୍ତିହୀନ । ଡେଣାରେ ତା'ର ବଳନାହିଁ । ମାଛର ଚାହାଣିରେ ସେ ସମ୍ମୋହନ । ବୁଝିପାରୁନି ଏହା ପ୍ରେମ ନା ଆକର୍ଷଣ । ପେଟରେ ଭୋକ । ଆଖି ଆଗରେ ଖାଦ୍ୟ । ସେ ନିରୁପାୟ । ତଥାପି ପାଣି ଭିତରକୁ ମାରିଲା ଝାମ୍ପ । ମାଛକୁ ଛୁଇଁଦେଇ ଉଡ଼ିଗଲା ନୀଳ ଆକାଶକୁ । ବିଚରା ମାଛ ହତବାକ୍ । ସେ ଅନୁଭବିଛି ମୃତ୍ୟୁକୁ ଏଇ ଏବେ ଏବେ । ମୃତ୍ୟୁର ତୀକ୍ଷ୍ଣ ଥଣ୍ଟ ବାଜିଛି ତା' ମୁହଁରେ । ତାକୁ ଲାଗିଲା ପାଣିରେ ଘୋଳି ହୋଇଯାଇଛି ମାଛରଙ୍କାର ତତଲା ନିଃଶ୍ୱାସ । ମାଛରଙ୍କାର ବିଳପି ଉଠୁଥିବା ଚେହେରାରେ ଅସ୍ତବ୍ୟସ୍ତ ମାଛ । ପାଣି ଭିତରେ ରହିପାରିଲାନି କେଇ ସେକେଣ୍ଡ । ପୁଣି ଆସ୍ତେକରି ମୁଣ୍ଡ ଟେକିଲା । ଏବେ ତା'ଠୁ ଆହୁରି ପାଖରେ ମାଛରଙ୍କା । ସେମିତି ଡେଣା ଫଡ୍‌ଫଡ୍ କରୁଛି । କିଛି ବୁଝିବା ଆଗରୁ ମାଛରଙ୍କାର ମୁନିଆ ଥଣ୍ଟକୁ ଅନୁଭବ କଲା ସେ । ଏଥର ବି ଅତି ସନ୍ତର୍ପଣରେ ଛୁଇଁ ଦେଇ ଦୂର ଆକାଶକୁ ଉଡ଼ିଯାଇଥିଲା ମାଛରଙ୍କା । ବିଚରା ମାଛ ଅସହାୟ । ଏମିତି କାହିଁକି କରୁଛି ମାଛରଙ୍କା । ପ୍ରେମରେ ପଡ଼ିଯାଇଛି କି ? ଏମିତି ଅନେକ ପ୍ରଶ୍ନ ଧରି ପୋଖରୀ ସାରା ଚକ୍କର କାଟୁଛି ବିଚରା ମାଛ ।

ହଠାତ୍ ଶୁଭିଲା ବିକଟାଳ ଶବ୍ଦଟେ । ଯେମିତି କାହା ହାତ ଧରି ଟାଣିନେଉଛି ମୃତ୍ୟୁ । ଦାଉଁଦାଉଁ ହୋଇଗଲା ଛାତି । ରୋକିପାରିଲାନି ନିଜକୁ । ପାଣିରୁ ମୁଣ୍ଡ ଉଠାଇବା ବେଳକୁ ଭାସୁଥିଲା ଶରବିଦ୍ଧ ମାଛରଙ୍କାର ନିସ୍ତେଜ ଦେହଟା । କେହି ଜଣେ ପୋଖରୀ ହୁଡ଼ାରୁ ଲକ୍ଷ୍ୟଭେଦ କରିଥିଲା ମାଛରଙ୍କାକୁ । ମାଛରଙ୍କାର ମଲାଦେହଟାକୁ କିଛି ସମୟ କୁଣ୍ଢେଇ ଧରିଲା ମାଛ । ତା'ମନରେ ଲାଗିଥିଲା ବନାଗ୍ନି । ନିସ୍ତେଜ ଦେହଟାରେ ଧୀରେ ଧୀରେ ମୁହଁକୁ ଘଷିଲା । ନିଗାଡ଼ିଦେଲା ତା' ଉପରେ ଯେତକ ଲୁହ । ଆଉ ମଲାଦେହଟାକୁ ପିଠିରେ ପକାଇ ଟାଣି ନେଇଗଲା ପାଣି ଭିତରକୁ ।

-ଏବେ କହ ତୋ ପ୍ରଶ୍ନର ଉତ୍ତର ମିଳିଲା ନା ନାହିଁ । ମୋ କଥା ଭାଙ୍ଗିଦେଲା ତା'ର ଅନ୍ୟମନସ୍କତା । ସେ ବୋଧେ ଏଯାଏ ଭାସୁଥିଲା କାହାଣୀ ଭିତରେ । ପ୍ରଥମ ଥର ତା' ଆଖିରେ ମୁଁ ଆବିଷ୍କାର କଲି ଲୁହର ସମୁଦ୍ର । ସେ ଲୋଟିଗଲା ମୋ' ଛାତିରେ । ଆଉ କିଛି କହିବାକୁ ଚାହୁଁଥିଲି ମୁଁ । ହେଲେ ସେ ଓଠରେ ରଖିଦେଲା ତା' ଆଙ୍ଗୁଠି । କାନରେ ଫିସ୍‌ଫିସ୍ ହୋଇ କହିଲା, ଲୋଡ଼ାନାହିଁ ମୋର ଏମିତି ପ୍ରଶ୍ନର ଉତ୍ତର । ପ୍ଲିଜ୍ ତୁ ଆଉ କିଛି କହନା । ମତେ ଜିଇବାକୁ ଦେ ତୋ' ଭିତରେ ଏମିତି ସବୁଦିନ...

*-ଧରାକୋଟ, ଗଞ୍ଜାମ*



## ପ୍ରିୟାକୁ ପ୍ରେମ ମାଗିବା ଆଗରୁ

-କାହ୍ନୁ ଚରଣ ପାଇକରାୟ

ଦୁଃଖ ଯେତେ ଦେଇଗଲା, ସୁଖ ମାଗିବା ଆଗରୁ
ସତେ ଯେମିତି ସବୁ ହୋଇଯାଇଥିଲା,
ପ୍ରିୟାକୁ ପ୍ରେମ ମାଗିବା ଆଗରୁ ...

ପ୍ରିୟାକୁ ପ୍ରେମ ମାଗିବା ଆଗରୁ
ସେ ମୋ ମନରେ ଭରିଦେଲା,
ଅନେକ ପ୍ରତାରଣାର କୋହ
ଯାହାକୁ ନେଇ ବଞ୍ଚିବାର ସ୍ୱପ୍ନ ଦେଖୁଥିଲି,
କିନ୍ତୁ ସ୍ୱପ୍ନ ସରିଗଲା ରାତି ପାହିବା ଆଗରୁ
ସତେ ଯେମିତି ସବୁ ହୋଇଯାଇଥିଲା,
ପ୍ରିୟାକୁ ପ୍ରେମ ମାଗିବା ଆଗରୁ ...

ଇଚ୍ଛା ଥିଲା ତୁମ ହାତଧରି
ଥାପିବାକୁ ପାଦ ଜୀବନର ଅଙ୍କାବଙ୍କା ରାସ୍ତାରେ,
ଥକି ମୁଁ ପଡିଲି ଟିକେ ଚାଲିବା ଆଗରୁ
ସତେ ଯେମିତି ସବୁ ହୋଇଯାଇଥିଲା,
ପ୍ରିୟାକୁ ପ୍ରେମ ମାଗିବା ଆଗରୁ ...

ଭାବିଥିଲି ମନକଥା ଦେବି ଆଜି ଖୋଲି କହି
କାଳେ ହୋଇଯିବ କି ଲେଟ୍,
ହେଲେ ସେ ଆଗରୁ କାହା ସହ ହୋଇ ସାରିଥିଲା
ସେଟ୍
ଆଖି ଲୁହ ସବୁ ଝରିଗଲା କାନ୍ଦିବା ଆଗରୁ
ସତେ ଯେମିତି ସବୁ ହୋଇଯାଇଥିଲା
ପ୍ରିୟାକୁ ପ୍ରେମ ମାଗିବା ଆଗରୁ ।

*– ତିରିମଲ, ଜଟଣୀ*

## ଈଶ୍ୱରୀ

-ମାନସ ରଞ୍ଜନ ସ୍ୱାଇଁ

ତୁମେ ତ
ଖୋଜି ଆଣିଥିଲ
ଶବ୍ଦ ମୋ ପାଇଁ
ଲୁହ ରଙ୍ଗର କାଳିରେ
ଆହତକୁ ଅନିଦ୍ରା କରି
ଲେଖାଇଥିଲ କବିତା,

ଚେତନାର ଚୌହଦିରେ
ତୁମେ ହିଁ ଈଶ୍ୱରୀ
ମୁଁ ଟା
ଅସହାୟତାର
ଲହ ଲହରେ
ଦୋହଲୁଥିବା
ତୁଚ୍ଛା ସଳିତା ।

*-ଦରଡ଼ା ଶାସନ,*
*ସିଦ୍ଧେଶ୍ୱରପୁର, ଜଗତ୍‌ସିଂହପୁର*




ନମ୍ରତା–ଓମ୍କାର

# ଏ ମନ ଖୋଜୁଥାଏ ଯାହା..

କଥାରେ ଅଛି ‘ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି ମନଲାଖି ଭୂମିକାଟିଏ ପାଇବା ପରେ ନବାଗତା ନମ୍ରତା ସିଂଦେଓ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ’ଣ କି ନିର୍ମାଣାଧୀନ ଓଡିଆ ସିନେମା ‘ମନେ ମନେ ମନ ଖୋଜୁଥିଲା’ରେ ତାଙ୍କୁ ଏପରି ଏକ ରୋମାଣ୍ଟିକ ରୋଲ୍ ମିଳିଛି, ଯାହାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ହଁ,ଏକ ଭିନ୍ନ ଧରଣର ଟିନ୍‌–ଏଜ୍ ପ୍ରେମ କାହାଣୀକୁ ନେଇ ନିର୍ମିତ ହେଉଛି ଏହି ନୂଆ ଓଡ଼ିଆ ସିନେମା ‘ମନେ ମନେ ମନ ଖୋଜୁଥିଲା’। କାହାଣୀ ଅନୁସାରେ ଦୁଇଟି ପରିବାର ଭିତରେ ରହିଛି ଘୋର ଶତ୍ରୁତା। ହେଲେ ପ୍ରେମ ଏପରି ଏକ ଜିନିଷ ଯାହା କିଛି ମାନେନା। ସମୟକ୍ରମେ ଅଭିମନ୍ୟୁଙ୍କ ପୁଅ ଓମ୍ ଏବଂ ଦୁର୍ଯ୍ୟୋଧନଙ୍କ ଝିଅ ଗୌରୀ ପ୍ରେମରେ ପଡିଯାଇଛନ୍ତି। ଦୁଇ ପରିବାର ଭିତରେ ଥିବା ଅହି–ନକୁଳ ସମ୍ପର୍କକୁ ସେମାନେ ଜାଣିଥିଲେ ମଧ୍ୟ ତାହାକୁ ଦୁହେଁ ଖାତିର କରିନାହାନ୍ତି। ଏପରି ପ୍ରେମର ଶେଷ ପରିଣତି କ’ଣ ହେଉଛି ତାହା ସିନେମା ଦେଖିଲେ ହିଁ ଜାଣିପାରିବେ। ଅନନ୍ୟା ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରୁଛନ୍ତି ନବାଗତା ପ୍ରଯୋଜିକା ପ୍ରଭାତୀ ଆଚାର୍ଯ୍ୟ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ଏନ. ପାଢ଼ୀ। ଦୁର୍ଗା ଆଚାର୍ଯ୍ୟଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଦୀପକ ଜେନା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ନବାଗତ ଏ. ଅଶୋକ କୁମାର। ନମ୍ରତାଙ୍କ ସହ ମେଲ୍ ଲିଡ୍‌ରେ ଅଛନ୍ତି ନବାଗତ ଓମ୍କାର। ଅନ୍ୟପକ୍ଷରେ ମିହିର ଦାସ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ଅଞ୍ଜନା ଦାସ, ବିଜୟ ବଳ, ରାଜ୍ ସୁରଜ ପୁରୋହିତ ଏବଂ ଆଲୋକ ସାମନ୍ତ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ପୁଣି ଥରେ କରୀନା– ଶାହରୁଖ ଯୋଡି

କରୀନା–ଶାହରୁଖଙ୍କ ଯୋଡିକୁ ଦର୍ଶକ ଖୁବ୍‌ଶୀଘ୍ର ଦେଖିବାକୁ ପାଇବେ। ଫିଲ୍ମଟିର ନିର୍ଦ୍ଦେଶନା କିଏ ଦେବେ ଜାଣନ୍ତି ? ରାଜ କୁମାର ହିରାନୀ। ପୂର୍ବରୁ ରାଜ୍‌ଙ୍କ ଫିଲ୍ମରେ ସଞ୍ଜୟ ଦତ୍ତଙ୍କୁ ଦେଖିବାକୁ ମିଳୁଥିଲା। ହେଲେ ଏଥର ସେ ତାଙ୍କର ଆଗାମୀ ଫିଲ୍ମ ପାଇଁ ଶାହରୁଖଙ୍କୁ ସାଇନ୍ କରାଇଛନ୍ତି। କେବଳ ସେତିକି ନୁହେଁ, ତାଙ୍କ ଅପୋଜିଟ୍ କରୀନା ଅଭିନୟ କରିବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ୨୦୧୮ରେ ‘ଜିରୋ’ ଫ୍ଲପ୍ ହେବା ପରେ ଶାହରୁଖ ବେଶ୍ କିଛି ମାସ କୌଣସି ସିନେମା ସାଇନ୍ କରି ନ ଥିଲେ। ‘ରାଜ୍ ଯେତେବେଳେ ମୋତେ ଅନୁରୋଧ କଲେ ତାହାକୁ ମୁଁ ଏଡାଇ ପାରି ନ ଥିଲି। ଏଥିରେ ମୋତେ ଏକ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ ବୋଲି କହିଛନ୍ତି ଶାହରୁଖ।’ ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି ଏବଂ ଟାଇଟଲ ଫାଇନାଲ ହୋଇନାହିଁ।


କରୀନା–ଶାହରୁଖ


ଜାହ୍ନବୀ

# ବାଜି ମାରିନେଲେ ଜାହ୍ନବୀ

ଶଶାଙ୍କ ଖୈତାନଙ୍କ ଆଗାମୀ ଫିଲ୍ମ ‘ମିଷ୍ଟର ଲେଲେ’ର ନାୟିକା କିଏ ହେବ ? ଏ ନେଇ ପ୍ରଥମେ ଜାହ୍ନବୀ କପୁରଙ୍କ ନାମକୁ ଆଲୋଚନାର ପରିସରକୁ ନିଆଯାଇଥିଲା। ହେଲେ ପରେ ଚକ ଏମିତି ବୁଲିଗଲା ଯେ ଦେଖିଲା ବେଳକୁ ତାଙ୍କ ସ୍ଥାନରେ କିଆରା ଆଡଓ୍ୱାନୀଙ୍କୁ ସାଇନ୍ କରାଗଲା। ହେଲେ ସେଥିରେ ମଧ୍ୟ କେଁ ରହିଗଲା। ଡେଟ୍ ପ୍ରୋବ୍ଲେମ ପାଇଁ କିଆରା ଅଡୁଆରେ ପଡିଥିଲେ। ଶେଷକୁ ବାଧ ହୋଇ ନିଜ ପଟରୁ ‘ଏଥିରେ ଅଭିନୟ କରିପାରିବି ନାହିଁ’ ବୋଲି କହି କାଷ୍ଟିଂରୁ ଆଉଟ୍ ହୋଇଯାଇଥିଲେ। ଶେଷକୁ ‘ଡାମଣା, ବୁଲି ବୁଲି ପୁଣି ସେଇ ଅଗଣା’ ପରି ଶଶାଙ୍କ ପୁଣି ଥରେ ଜାହ୍ନବୀଙ୍କୁ ଯୋଗାଯୋଗ କରିଥିଲେ। ବାସ୍, ଜାହ୍ନବୀ ନିଜ ପଟରୁ ଗ୍ରୀନ୍ ସିଗ୍‌ନାଲ ଦେଖାଇବା ପରେ ତାଙ୍କୁ ଏହାର ଫିମେଲ୍ ଲିଡ୍ ପାଇଁ ସାଇନ୍ କରାଯାଇଛି। ଏହି କମିକ୍–ଆକ୍ସନ ଫିଲ୍ମର ନାୟକ ସାଜୁଛନ୍ତି ବଲିଉଡ୍‌ର ୟଙ୍ଗ ସେନ୍‌ସେନନ ବରୁଣ ଧାଓ୍ୱନ। ହେଲେ ଏହାର ସ୍କ୍ରିପ୍ଟିଂ ଅଧାରେ ଅଟକି ରହିଛି। କାରଣ କାହାଣୀରେ କିଛି ପରିବର୍ତ୍ତନ ଚାହୁଁଛନ୍ତି ବରୁଣ। ଶଶାଙ୍କ କହିଛନ୍ତି ଯେ, ବର୍ତ୍ତମାନ ପାଖାପାଖି ଦୁଇ ସପ୍ତାହ ପର୍ଯ୍ୟନ୍ତ କାହାଣୀଟିକୁ ଭଲ ଭାବରେ ତର୍ଜମା କରାଯିବା ପରେ ସ୍କ୍ରିପ୍ଟିଂ କାମ ଆରମ୍ଭ ହେବ। ଏହାବ୍ୟତୀତ ଚଳିତମାସ ଶେଷ ସପ୍ତାହରେ ଫିଲ୍ମର ଶୁଟିଂ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଫିଲ୍ମରେ ଭୂମି ପେଦନେକର ମଧ୍ୟ ଅଭିନୟ କରିବେ।


ବରୁଣ

# ଓଜନ ପାଇଁ ଟେନସନ

କି କଥା ! କେତେବେଳେ ଓଜନ ବଢ଼ାଇବାକୁ ପଡୁଛି ପୁଣି ସୀମିତ ସମୟରେ କମାଇବାକୁ ପଡିବ ବୋଲି କହୁଛନ୍ତି। ଅବଶ୍ୟ ଏପରି ଘଟଣା ଭିନ୍ନ ଭିନ୍ନରେ ଘଟିବାକୁ ଯାଉଛି, ଯାହାକୁ ନେଇ ଟେନସନରେ ଅଛନ୍ତି କଙ୍ଗନା ରାଣାଓ୍ୱତ। କଥା କ’ଣ କି ନିର୍ମାଣାଧୀନ ବାୟୋପିକ୍ ‘ଥଲୈଭି’ ପାଇଁ ୨୦ କିଗ୍ରା ଓଜନ ବଢ଼ାଇଥିଲେ କଙ୍ଗନା। ହେଲେ ଏବେ ସେହି ଓଜନକୁ ମାତ୍ର ଦୁଇ ମାସ ଭିତରେ କମାଇବାକୁ ପଡିବ। ସେ ସାଇନ୍ କରିଥିବା ‘ତେଜସ୍’ ଏବଂ ‘ଧାକ୍କଡ’ ପାଇଁ ସେ ଖୁବ୍‌ଶୀଘ୍ର ଓଜନ କମାଇବେ ବୋଲି ସୂଚନା ଦେଇଛନ୍ତି। ଏ ନେଇ କଙ୍ଗନା କହନ୍ତି, ‘ଓଜନ କମାଇବାକୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିବ। ସେଥିପାଇଁ ନିଜକୁ ପ୍ରସ୍ତୁତ କରିସାରିଲେଣି। ଏ ନେଇ ଡାଏଟିଂକୁ ଆହୁରି ଷ୍ଟ୍ରିକ୍ଟ କରିବା ସହ ଜିମ୍‌ରେ ଅଧିକ ସମୟ କଟାଇବାକୁ ପଡିବ।’


ହ୍ରିତିକ

# ହ୍ରିତିକଙ୍କ କଷ୍ଟ୍ୟୁମ ଗୁରୁ

ହ୍ରିତିକ ରୋଶନ ଏବେ କ’ଣ କରୁଛନ୍ତି ? ହୁଏତ କୌଣସି ସିନେମାର ଶୁଟିଂରେ ବ୍ୟସ୍ତ ଥିବେ। ହେଲେ ଅସଲ କଥା ସେଇଆ ନୁହେଁ। ସେ ଏବେ ବିଦେଶରେ ମାଇଣ୍ଡ ଫ୍ରେସ କରୁଛନ୍ତି। ହଁ, ବର୍ତ୍ତମାନ ଦୁବାଇରେ ଡେରା ପକାଇଛନ୍ତି ହ୍ରିତିକ। ସେଠାରେ କିଛି ସାଙ୍ଗମାନଙ୍କ ସହ ବୁଲାବୁଲି କରିବା ସହ ଫଟୋ ଉଠାଇବାରେ ବ୍ୟସ୍ତ ଅଛନ୍ତି। ନିକଟରେ ତାଙ୍କୁ ସମୁଦ୍ରକୂଳରେ ଲୁଙ୍ଗି ଗେଟ୍‌ଅପରେ ଦେଖିବାକୁ ମିଳିଥିଲା। ହେଲେ ସେ ଏପରି ଗେଟ୍‌ଅପ ନେବା ପଛରେ ଜଣଙ୍କୁ ଶ୍ରେୟ ଦେଇଛନ୍ତି। ସେ ହେଲେ ରଣବୀର ସିଂ। ଏ ସମ୍ପର୍କରେ ହ୍ରିତିକ କହନ୍ତି, ‘‘ରଣବୀରଙ୍କ ଗେଟଅପ ମୋତେ ବେଶି ପ୍ରଭାବିତ କରିଥାଏ। ଥରେ ତାଙ୍କ ସହ ସାକ୍ଷାତ ଅବସରରେ ସେ ମୋତେ ଲୁଙ୍ଗି ପିନ୍ଧିବାକୁ କହିଥିଲେ। ବାସ୍, ତାଙ୍କ କଥାକୁ ଆପ୍ଲାଏ କରିବା ପରେ ଜାଣୁଛି ଲୁଙ୍ଗି ଗେଟଅପ୍‌ରେ ମୁଁ ଭଲ ଦେଖାଯାଉଛି। ଏତିକି ଧରି ନିଅନ୍ତୁ ଯେ ରଣବୀର ହେଉଛନ୍ତି ମୋ କଷ୍ଟ୍ୟୁମ ଗୁରୁ।’’

# କାରଣ ଖୋଜୁଛନ୍ତି ଶ୍ରଦ୍ଧା

ଏମିତି ବେଳ ପଡେ ଯେଉଁଥିରେ ହାତ ମାରିଲେ ତାହା ମାଟି ହୋଇଯାଏ। ଦେଖୁନାହାନ୍ତି, ଦୁଇ ଦୁଇଟି ଭଲ ଅଫରରୁ ବାଦ୍ ପଡିବା ପରେ ତାହାର କାରଣ କେମିତି ଖୋଜୁଛନ୍ତି। ସେ ହେଲେ ଶ୍ରଦ୍ଧା କପୁର। ‘ଷ୍ଟ୍ରିଟ୍ ଡ୍ୟାନ୍ସର ଥ୍ରୀଡି’ର ନାୟିକା ଭୂମିକାରେ ପ୍ରଥମେ କ୍ୟାଟ୍ରିନା କୈଫ ଅଭିନୟ କରିଥାଆନ୍ତେ। ହେଲେ ସେ ମନା କରିବା ପରେ ଶ୍ରଦ୍ଧାଙ୍କୁ ସୁଯୋଗ ମିଳିଥିଲା। ହେଲେ ନାମୀ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା ଦୁଇଟି ସିନେମାରେ ଆକ୍ଟିଂ କରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ରାତାରାତି ଚକ ଏମିତି ଓଲଟି ଗଲା ଯେ ଦେଖିଲାବେଳକୁ ତାଙ୍କୁ କାଷ୍ଟିଂରୁ ଆଉଟ୍ କରିଦିଆଯାଇଛି। ‘ଏମିତି କେମିତି ହେଲା ମୁଁ ଜାଣିପାରୁନାହିଁ। ଅବଶ୍ୟ ଏ ନେଇ ଆଲୋଚନା ପ୍ରାରମ୍ଭିକ ପର୍ଯ୍ୟାୟରେ ଥିଲା। କେବଳ ସେତିକି ନୁହେଁ, ଫିଲ୍ମଦ୍ୱୟର କାହାଣୀ ମଧ୍ୟ ମୋତେ ପ୍ରଭାବିତ କରିଥିଲା। କ’ଣ ପାଇଁ ମୋତେ କାଷ୍ଟିଂରୁ ଆଉଟ୍ କରାଗଲା ତାହା ମୁଁ ଜାଣିପାରୁନାହିଁ ବୋଲି କହିଛନ୍ତି ଶ୍ରଦ୍ଧା। ନିକଟରେ ଶ୍ରଦ୍ଧା ଏକ ଫିଲ୍ମ ସାଇନ୍ କରିଛନ୍ତି, ଯାହାର ନାୟକ ସାଜିବେ ରଣବୀର କପୁର ଏବଂ ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଚିତ୍ରଟି ଆସନ୍ତା ବର୍ଷ ମାର୍ଚ୍ଚ ୨୬ରେ ପରଦା ଉପରକୁ ଆସିବ।



# ସୁନ୍ଦରୀ ଝିଅର ହସ, କାହାପାଇଁ ସିଏ ରସଗୋଲା ପୁଣି କାହାପାଇଁ ସାଜେ ବିଷ...

**ପ୍ରଶ୍ନ**–ମୋ ସପନ ଅଧା ରହିଗଲା । କେତେବେଳେ ରାତି ପାହିଗଲା ଜାଣିପାରିଲି ନାହିଁ। ହେଲେ ମୋ ସପନର ରାଧା ସେମିତି ସପନରେ ରହିଯାଇଛି। କ'ଣ କରିବି ?

–ଅନୁପମ ସାହୁ, ସୁନ୍ଦରଗଡ

**ଉତ୍ତର:** ସପନ ରାଇଜରେ ସବୁବେଳେ ଘୂରି ବୁଲିଲେ ମନକୁ କ୍ଷଣିକ ଆନନ୍ଦ ମିଳେ ସତ, ହେଲେ ସେଥିରେ କେତେ ବାସ୍ତବତା ରହିଛି ତାହା ଜାଣିବା ଦରକାର। ଯଦି ସପନର ରାଧାକୁ ମନ ଦେବାକୁ ଏତେ ଉତାବିଲା ତେବେ ମନଲାଖି ପ୍ରେମିକାଟିଏ ପ୍ରଥମେ ଖୋଜନ୍ତୁ। ଯଦି ମିଳିଗଲା ତାକୁ ମନକୁ ଏମିତି କିଣି ନିଅନ୍ତୁ ଯେ, ସେହି ସୁନ୍ଦରୀର ପ୍ରେମ ଫାଶରୁ ଆପଣ ଏବଂ ଆପଣଙ୍କ ପ୍ରେମ ବନ୍ଧନରୁ ସେହି ସ୍ୱପ୍ନ ସୁନ୍ଦରୀ ମୁକୁଳି ପାରିବେ ନାହିଁ।

**ପ୍ରଶ୍ନ**–ମୋ ମନ ଉଡି ଉଡି କୁଆଡେ ଚାଲିଗଲା ଜାଣିପାରିଲି ନାହିଁ। ସେ କେଉଁ ସୁନ୍ଦରୀ ହୃଦୟରେ ବସା ବାନ୍ଧିନି ତ ?

–ପ୍ରଭାତ ଦାସ, ପୁରୀ

**ଉତ୍ତର:** କେଉଁ ସୁନ୍ଦର ହସ ନିକଟରେ ଆପଣଙ୍କ ମନ ବନ୍ଧା ପଡିନି ତ ! କାରଣ ବେଳେବେଳେ ହାତପାହାନ୍ତାରେ ମନର ମାନସୀ ମିଳିଯାଇଥାଏ। ଆଉ ସେତେବେଳେ ଆପଣଙ୍କ ମନ କେତେବେଳେ ଉଡି ସେହି ସୁନ୍ଦରୀ ହୃଦୟରେ ରହିଯାଏ ତାହା ଆପଣ ନିଜେ ଜାଣିପାରିବେ ନାହିଁ। ଯଦି ମନଲାଖି ପ୍ରେମିକାଟିଏ ମିଳିଗଲା ତେବେ ଜାଣିନିଅନ୍ତୁ ଯେ ଆପଣଙ୍କର ହଜି ଯାଇଥିବା ମନ ସେହି ରୂପସୀ ପାଖରେ ହିଁ ଅଛି।

**ପ୍ରଶ୍ନ**–ଝିଅଟିଏ ହସିଦେଲେ ଟୋକାମାନେ ଫସି ଯାଆନ୍ତି କାହିଁକି ?

–ସୁବ୍ରତ, ବ୍ରହ୍ମପୁର

**ଉତ୍ତର:** ଇଏ ବଡ ଗହନ କଥା। ସୁନ୍ଦରୀ ଝିଅର ହସ, କାହାପାଇଁ ସିଏ ରସଗୋଲା ପୁଣି କାହାପାଇଁ ସାଜେ ବିଷ। ବାସ୍, ତାହାକୁ ଆପଣ କିପରି ଗ୍ରହଣ କରୁଛନ୍ତି ତାହା ନିଜ ଉପରେ ନିର୍ଭର କରେ।

**ପ୍ରଶ୍ନ**–ଆଜିକାଲି ଅନେକ ନିଜ ପ୍ରେମ ଉପରେ ଭରସା ରଖୁନାହାନ୍ତି। କାହିଁକି ?

–ତପନ ବାରିକ, କେନ୍ଦ୍ରାପଡା

**ଉତ୍ତର:** ଏଭଳି ପ୍ରେମର ମୂଳଦୁଆ ହିଁ ଦୁର୍ବଳ। କେବଳ ପ୍ରେମ କରିବି ବୋଲି କହିଦେଲେ ଯଦି ପ୍ରେମ ହୋଇଯାଆନ୍ତା, ଆଉ ସେହି ପ୍ରେମ ଲଙ୍ଗ ଲାଷ୍ଟିଙ୍ଗ କରନ୍ତା, ତେବେ କିଛି ଟେନସନ ନାହିଁ। ହେଲେ ପ୍ରେମ ନିଶାରେ ମତୁଆଲା ହୋଇ ଅନେକ ବାଉଳା ହୋଇଯାଆନ୍ତି। ସେତେବେଳେ ସେପରି ପ୍ରେମର ଗତି କୁଆଡେ ହୁଏ ତାହା ଜାଣିବା କଷ୍ଟକର। ତେଣୁ ମାପିଚୁପି ବାଟ ଚାଲିଲେ ଆପଣ ପ୍ରେମ ରାସ୍ତାର ଶେଷ ପାହାଚରେ ପହଞ୍ଚି ପାରିବେ।

**ପ୍ରଶ୍ନ**–ମୋତେ ଏକାଥରେ ଦୁଇ ଜଣ ଝିଅ ଲଭ୍ କରୁଛନ୍ତି। ମୁଁ କାହାକୁ ମନା କରିବି ଜାଣିପାରୁନାହିଁ।

–ଗୋପାଳ, ବରଗଡ

**ଉତ୍ତର:** ଏବେଠାରୁ କିଛି ବ୍ୟବସ୍ଥା କରନ୍ତୁ। ନ ହେଲେ ନେଡି ଗୁଡ କହୁଣୀକୁ ବୋହିଗଲେ କେବଳ ବସି ଚିନ୍ତା କରୁଥିବେ। ଗୋଟିଏ କଥା ସବୁବେଳେ ମନେ ରଖିବେ– ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ ଦେବେ ନାହିଁ। ତେଣୁ କାହାକୁ ବାଏ ବାଏ କରିବେ କାହାକୁ ଆପଣେଇ ଆଗକୁ ଆଗେଇବେ ତାହା ଶୀଘ୍ର ଡିସାଇଡ୍ କରନ୍ତୁ।

**ପ୍ରଶ୍ନ**–କୁହାଯାଏ ପ୍ରେମ ଚିରନ୍ତନ ଓ ଶାଶ୍ୱତ । ତଥାପି ପ୍ରେମରେ ଧୋକ ଆସେ କାହିଁକି।– ରବି ବାରିକ, ଆଳି

**ଉତ୍ତର:** ଠିକ୍ ତରିକାରେ ପ୍ରେମ କଲେ ଚିରନ୍ତନ ଓ ଶାଶ୍ୱତ ହେବ। ଆପଣ ଯଦି ଶସ୍ତା ପ୍ରେମ କରିବେ ତେବେ ତାର ସଂଜ୍ଞା ବଦଳିବ ହିଁ ବଦଳିବ । ଯେମିତିକି କୁହାଯାଏ– ଯେମିତି ଠାକୁର ସେମିତି ପୂଜା, ବାଲିଗରଡାକୁ ଚାଉଳ ଭଜା। ଠିକ୍ ରାସ୍ତାରେ ଯିବେ, ସବୁ ଠିକ୍ ହୋଇଯିବ।




## ପ୍ରଥମ ରୋଜଗାର



ସାମାଜିକ କର୍ମୀ ତଥା ବ୍ୟାଙ୍କ କର୍ମଚାରୀ **ଅରବିନ୍ଦ ମିଶ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଟଙ୍କା ବାପା, ମା'ଙ୍କୁ ଦେଇଥିଲି

ଭୁବନେଶ୍ୱରର ଲକ୍ଷ୍ମୀସାଗରଠାରେ ମୋର ଜନ୍ମ। ଲକ୍ଷ୍ମୀସାଗର ଉଚ୍ଚ ବିଦ୍ୟାଳୟରୁ ୧୯୮୫ ମସିହାରେ ଦଶମ ପାସ୍ କରିବା ପରେ ରାଜଧାନୀ କଲେଜରେ ବି.ଏ. ଯାଏଁ ପଢ଼ିଥିଲି। ତା'ପରେ କ୍ୟାପିଟାଲ୍ ଲ' କଲେଜରେ ଏଲ୍ଏଲ୍ବି କଲି। ପଢ଼ା ସରିବା ପରେ ସେଣ୍ଟ୍ରାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ପ୍ଲାଷ୍ଟିକ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ଆଡ୍ମିନିଷ୍ଟ୍ରେଟିଭ୍ ଆସିଷ୍ଟାଣ୍ଟ ଭାବେ ଯୋଗ ଦେଇଥିଲି। ଏହିଠାରୁ ହିଁ ମୋର ପ୍ରଥମ ରୋଜଗାର ହେଲା। ଯାହା ଦରମା ପାଇଲି ତାକୁ ନେଇ ବାପାମା'ଙ୍କ ହାତରେ ଦେଇଥିଲି। ପ୍ରାୟ ୩ ବର୍ଷ ଏଠାରେ କାମ କରିବା ପରେ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ ପାଇଁ ଏକ ଇଣ୍ଟରଭ୍ୟୁ ବାହାରିଲା। ମୁଁ ସେହି ଇଣ୍ଟରଭ୍ୟୁ ଦେଇ ସିଲେକ୍ଟ ହୋଇ ସେଥିରେ ଆସିଷ୍ଟାଣ୍ଟ ମ୍ୟାନେଜର୍ ଗ୍ରେଡ୍ରେ ଯୋଗ ଦେଲି। ଏହି ଚାକିରିରେ ମୋର ପ୍ରଥମ ପୋଷ୍ଟିଂ ଗୁଆହାଟୀରେ ହୋଇଥିଲା। ତା'ପରେ କିଛିଦିନ ଭୁବନେଶ୍ୱର, କୋଲକାତା ଏବଂ ବମ୍ବେରେ ବି କାମ କରିଥିଲି। ଆଉ ଏବେ ଲକ୍ଷ୍ନୌରେ କାର୍ଯ୍ୟରତ ଅଛି। ୟା'ଭିତରେ ମୋର ପ୍ରମୋଶନ ମଧ୍ୟ ହୋଇସାରିଲାଣି। ଏବେ ମୁଁ ଆସିଷ୍ଟାଣ୍ଟ ଜେନେରାଲ୍ ମ୍ୟାନେଜର୍ ଗ୍ରେଡ୍ରେ କାମ କରୁଛି। ଚାକିରି ଜୀବନ ବାଦ୍ 'ବେଦାନ୍ତୀ' ନାମକ ଏକ ଇ–ପତ୍ରିକାର ମୁଁ ହେଉଛି ପ୍ରତିଷ୍ଠାତା। ସାଧାରଣରେ କହିବାକୁ ଗଲେ ଏହା ହେଉଛି ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ଏକ ପାରିବାରିକ ମାସିକ ଇ–ପତ୍ରିକା। ଏଭଳି ଏକ ପତ୍ରିକା କରିବା ପଛରେ ମୋର ଏକ ମହତ୍ ଉଦ୍ଦେଶ୍ୟ ଲୁଚି ରହିଥିଲା। ସେହି ଉଦ୍ଦେଶ୍ୟ ବିଷୟରେ କହିବା ପୂର୍ବରୁ ଏଠାରେ ମୁଁ ଜଣାଇ ଦେବାକୁ ଚାହେଁ ଯେ, ପିଲାଟି ଦିନରୁ ବିଭିନ୍ନ ପ୍ରକାର ବହି, ମାଗାଜିନ୍ ପଢ଼ିବା ମୋର ଏକ ଅଭ୍ୟାସ। ଖାସ୍କରି ଆମ ମାତୃଭାଷା ଆଉ ଆମ ସଂସ୍କୃତି, ପରମ୍ପରା ବିଷୟରେ ପ୍ରକାଶ ପାଉଥିବା ବିଭିନ୍ନ ଲେଖା ପଢ଼ିବାକୁ ମୋତେ ବହୁତ ଭଲ ଲାଗେ। ହେଲେ ଯେତେବେଳେ ବ୍ୟାଙ୍କ ଚାକିରି ପାଇ ଓଡ଼ିଶା ବାହାରେ କାମ କରିବାକୁ ଲାଗିଲି, ମୋତେ ଆଉ ସେଠାରେ ଓଡ଼ିଆ ମାଗାଜିନ୍ ହାତପାହାନ୍ତାରେ ମିଳିଲା ନାହିଁ। ଏପରିକି ସେତେବେଳେ ଅନ୍ଲାଇନ୍ରେ ବି ଓଡ଼ିଆ ମାଗାଜିନ୍ ପଢ଼ିବାର କୌଣସି ସୁବିଧା ନ ଥିଲା। ସେତେବେଳେ ମୁଁ ଚିନ୍ତା କଲି ମୋ ଭଳି ଓଡ଼ିଶା ବାହାରେ ତଥା ଦେଶ ବିଦେଶରେ ଏମିତି ଅନେକ ଓଡ଼ିଆ ଲୋକ ବି ଥିବେ, ଯେଉଁମାନେ ଓଡ଼ିଆ ବହି କିମ୍ବା ମାଗାଜିନ୍ ପଢ଼ିବାକୁ ଝୁରି ହେଉଥିବେ। ତେଣୁ ସେମାନଙ୍କୁ ଏହି ଇ–ପତ୍ରିକା ମାଧ୍ୟମରେ ସାହାଯ୍ୟ କରିହେବ ଭାବି ମୁଁ ଏହାକୁ ଆରମ୍ଭ କଲି। ଖୁବ୍ କମ୍ ଦିନ ଭିତରେ ଏହି ପତ୍ରିକାଟି ପାଠକମାନଙ୍କ ଦ୍ୱାରା ବେଶ୍ ଆଦୃତ ହେବାକୁ ଲାଗିଲା। ଏପରିକି ଦେଶବିଦେଶରେ ଥିବା ଅନେକ ଓଡ଼ିଆ ପାଠକ ଏହି ମାଗାଜିନ୍ ପାଇଁ ଲେଖା ମଧ୍ୟ ପଠାଇବାକୁ ଲାଗିଲେଣି। ତେଣୁ ଏବେ ମୁଁ ହୃଦ୍ବୋଧ କରିପାରୁଛି ଯେ, ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ଏହି ମାଗାଜିନ୍ଟି ପ୍ରକାଶ କରିଥିଲି, ଭଗବାନଙ୍କ କୃପାରୁ ତାହା ସଫଳ ହେବାରେ ଲାଗିଛି। ଆଉ ଏହି ସଫଳତା ପଛରେ ବେଦାନ୍ତୀ ପତ୍ରିକାର ସମ୍ପାଦିକା ମମତା ଦାଶଙ୍କର ବି ଅନେକ ସହଯୋଗ ରହିଛି। ଏସବୁ ବାଦ୍ ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ବି ମୁଁ ଖୁବ୍ ଆଗ୍ରହ ପ୍ରକାଶ କରିଥାଏ। ଏଥିରୁ ମୋତେ ବେଶ୍ ଆତ୍ମଶାନ୍ତି ମିଳେ।



# ଏମ୍ବ୍ରୋଡୋରି ଫୁଟ୍‌ୱେର୍



**ଆଜିକାଲି ଯୁବତୀମାନେ ଷ୍ଟାଇଲିଶ୍ ଦେଖାଯିବା ପାଇଁ ଆଉଟ୍‌ଫିଟ୍ ସହ ଫୁଟ୍‌ୱେର୍ ଉପରେ ବି ବିଶେଷ ଧ୍ୟାନ ଦେଉଛନ୍ତି। ଖାସ୍ ସେଥିପାଇଁ ଏମ୍ବ୍ରୋଡୋରି ଫୁଟ୍‌ୱେର୍ ଏବେ ଲାଟେଷ୍ଟ ଟ୍ରେଣ୍ଡରେ ରହିଛି। ଏମ୍ବ୍ରୋଡୋରି ଆଉଟ୍‌ଫିଟ୍ ଭଳି ଏମ୍ବ୍ରୋଡୋରି ଫୁଟ୍‌ୱେର୍ ବି ପିନ୍ଧିବାକୁ କମ୍ଫଟେବୁଲ୍ ଲାଗିବା ସହ ଆକର୍ଷଣୀୟ ଲୁକ୍ ଦେଇଥାଏ, ଯାହାକୁ ପାର୍ଟି, ଫଙ୍କ୍‌ସନରୁ ଆରମ୍ଭକରି ଯେକୌଣସି ଅକେଜନରେ ମଧ୍ୟ ପିନ୍ଧିହୁଏ। ତା'ଛଡ଼ା ଏହି ଫୁଟ୍‌ୱେର୍ ସବୁ ପ୍ରକାରର ଆଉଟ୍‌ଫିଟ୍ ସହ ବି ବେଶ୍ ମାନିଥାଏ। ତେବେ ଏହି ଫୁଟ୍‌ୱେର୍‌ର କ'ଣ ସବୁ ଲାଟେଷ୍ଟ କଲେକ୍‌ସନ ରହିଛି, ଆସନ୍ତୁ ଜାଣିବା ସେ ସମ୍ପର୍କରେ ...**



**କ'ଣ ସବୁ ଭେରାଇଟି ରହିଛି:** ଆଜିକାଲି ମାର୍କେଟରେ ଏମ୍ବ୍ରୋଡୋରି ଫୁଟ୍‌ୱେର୍‌ର ଅନେକ ଭେରାଇଟି ମିଳିଲାଣି। ଯେମିତିକି ଏମ୍ବ୍ରୋଡୋରି ସ୍ଲିପର, ଏମ୍ବ୍ରୋଡୋରି ବେଲ୍ଲୀ, ଏମ୍ବ୍ରୋଡୋରି ସାଣ୍ଡାଲ୍ସ, ଏମ୍ବ୍ରୋଡୋରି ବୁଟ୍ସ ଇତ୍ୟାଦି।

**ଏମ୍ବ୍ରୋଡୋରି ସ୍ଲିପର୍:** ଏହାକୁ ଉଭୟ ୱେଷ୍ଟର୍ନ ଓ ଇଣ୍ଡିଆନ୍ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧିହୁଏ।

**ଏମ୍ବ୍ରୋଡୋରି ବେଲ୍ଲୀ:** ଏହାକୁ ଜିନ୍ସ, କୁର୍ତ୍ତି ହେଉ ଅବା ନି ଲେନ୍ଥ ଫ୍ରକ୍ କିମ୍ବା ସାଲ୍‌ୱାର୍ କମିଜ ସହ ମ୍ୟାଚିଂ କରି ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିଥାଏ।

**ଏମ୍ବ୍ରୋଡୋରି ସାଣ୍ଡାଲ :** ଏହାକୁ ପାର୍ଟି ୱେର୍ ଶାଢ଼ି , ଲେହେଙ୍ଗା ଅବା ଗର୍ଜିୟସ୍ କାମ ହୋଇଥିବା ସାଲ୍‌ୱାର୍ କମିଜ ସହ ମ୍ୟାଚିଂକରି ପିନ୍ଧି ପାର୍ଟି, ଫଙ୍କ୍‌ସନକୁ ଗଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ।

**ଫ୍ଲୋରାଲ ଡିଜାଇନ :** ଫ୍ଲୋରାଲ ଡିଜାଇନର ଏମ୍ବ୍ରୋଡୋରି କାମ ହୋଇଥିବା ଫୁଟ୍‌ୱେର୍ ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗିଥାଏ, ପିନ୍ଧିଲେ ସେମିତି ଷ୍ଟାଇଲିଶ୍ ଲୁକ୍ ବି ଦେଇଥାଏ। ଖାସ୍‌କରି ଏ ଧରଣର ଫୁଟ୍‌ୱେର୍‌କୁ ମ୍ୟାଚିଂ ଆଉଟ୍‌ଫିଟ୍ ସହ ପିନ୍ଧି ପାର୍ଟି, ଫଙ୍କ୍‌ସନକୁ ଗଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳିଥାଏ।

**ହାଇ ହିଲ୍ସ ଏମ୍ବ୍ରୋଡୋରି ଫୁଟ୍‌ୱେର୍:** ଗ୍ଲାମର୍ସ ଲୁକ୍ ଦେବା ସହ ଆତ୍ମବିଶ୍ୱାସ ବଢ଼ାଇବାରେ ବି ସାହାଯ୍ୟ କରିଥାଏ ହାଇ ହିଲ୍। ଖାସ୍‌କରି ଏହାକୁ ପାର୍ଟି, ଫଙ୍କ୍‌ସନ ହେଉ ଅବା ଅଫିସ୍ ମିଟିଂ କିମ୍ବା ସାଙ୍ଗସାଥୀଙ୍କ ସହ ଆଉଟିଂରେ ଗଲାବେଳେ ପିନ୍ଧିଲେ କମ୍ଫଟେବଲ୍ ଲାଗିଥାଏ। ହେଲେ ଏମ୍ବ୍ରୋଡୋରି କାମ ହୋଇଥିବା ହାଇ ହିଲ୍ସକୁ ବିଶେଷକରି ଗର୍ଜିୟସ୍ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପାର୍ଟି, ଫଙ୍କ୍‌ସନକୁ ପିନ୍ଧି ଗଲେ ଲୁକ୍ ଆହୁରି ଆକର୍ଷଣୀୟ ଦେଖାଯାଇଥାଏ।

**ଫ୍ଲୋରାଲ ଏମ୍ବ୍ରୋଡୋରି ସୁ' :** ଜିନ୍ସ ଓ ଟି-ଶାର୍ଟ ସହ ସୁ' ପିନ୍ଧିଲେ ସୋବର ଲୁକ୍ ମିଳେ। ଯଦି ଆପଣଙ୍କୁ କାଜୁଆଲ୍ ଲୁକ୍ ପସନ୍ଦ ତା'ହେଲେ ଆପଣ ସେ ସ୍ଥାନରେ ଫ୍ଲୋରାଲ ଡିଜାଇନର ଏମ୍ବ୍ରୋଡୋରି କାମ ହୋଇଥିବା ଯେକୌଣସି ସୁ' ବି ଟ୍ରାଏ କରିପାରିବେ।











ଆର୍ୟନ୍

# ହାଃ ହାଃ

## ଜହର

ଥରେ ମୋହନ ତା' ସ୍ତ୍ରୀକୁ ମଦ ଚଖାଇଲା।
ସ୍ତ୍ରୀ– ଛି! କେତେ ଖରାପ ଟେଷ୍ଟ!
ମୋହନ– ତମେ କିନ୍ତୁ ମତେ ସବୁବେଳେ କୁହ ମୁଁ ମଦ ପିଇ ଅୟସ କରୁଛି। ଏବେ ଜାଣିଲ ତ ମୁଁ ଜହର ଭଳି ଜିନିଷ ପିଉଛି।

## ଜୀବନ

ପପୁ– ଜୀବନ କ'ଣ ?
ଗପୁ– ମୁଁ ଜାଣିନି। ତୁ ହିଁ କହ।
ପପୁ– ପିଲାଦିନେ ହୋମ୍‌ୱର୍କ, ଯୁବାବସ୍ଥାରେ ହୋମ୍‌ଲୋନ୍, ବୃଦ୍ଧାବସ୍ଥାରେ ହୋମ୍ ଏଲୋନ୍, ତା' ସହ କରୁଥାଅ ଅନୁଲୋମ୍ ବିଲୋମ୍। ଏ ହେଉଛି ଜୀବନ।

## ଦଣ୍ଡ

ପିଣ୍ଟୁ ସାର୍‌ଙ୍କୁ– ସାର୍, ଯିଏ ଯେଉଁ କାମ କରି ନ ଥାଏ, ତା' ପାଇଁ କ'ଣ ତାକୁ ଦଣ୍ଡ ଦିଆଯାଏ ?
ସାର୍– ନା। ହେଲେ ତୁ କାହିଁକି ଏ କଥା ପଚାରୁଛୁ ?
ପିଣ୍ଟୁ– ମୁଁ ବି ଗୋଟେ କାମ କରିନି। କିନ୍ତୁ ଡରୁଥିଲି କାଳେ ଆପଣ ସେଥିପାଇଁ ମତେ ମାରିବେ।
ସାର୍– କ'ଣ କରିନୁ ?
ପିଣ୍ଟୁ– ହୋମ୍‌ୱାର୍କ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



# ଭାରତର ପ୍ରସିଦ୍ଧ ଶିବ ମନ୍ଦିର





**ଦେବଦେବ ମହାଦେବଙ୍କର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସମ୍ପର୍କରେ ପ୍ରାୟତଃ ସମସ୍ତେ ଜାଣିଥିବେ। ତେବେ ଏହି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ବ୍ୟତୀତ ଭାରତରେ ଭଗବାନ ଶିବଙ୍କୁ ସମର୍ପିତ ଏମିତି ଅନେକ ପ୍ରାଚୀନ ତଥା ପ୍ରସିଦ୍ଧ ମନ୍ଦିର ବି ରହିଛି, ଯେଉଁଠାରେ ପ୍ରଭୁଙ୍କ ଦର୍ଶନ କରି ଭକ୍ତଗଣ ଅପାର ଆନନ୍ଦ ଲଭିଥାନ୍ତି। ସେମିତି କେତୋଟି ପ୍ରସିଦ୍ଧ ଶୈବପୀଠ ସମ୍ପର୍କରେ...**

**ବୃହଦେଶ୍ୱର ମନ୍ଦିର:** ତାମିଲନାଡୁର ତଞ୍ଜୌରସ୍ଥିତ ଏହି ଶୈବପୀଠଟିର ଆକର୍ଷଣୀୟ ବାସ୍ତୁକଳାକୁ ଦେଖିଲେ ଯେ କେହି ଘଡିଏ ଚାହିଁ ରହିବା ସ୍ୱାଭାବିକ। ତା'ଛଡ଼ା ଏଠାରେ ପୂଜା ପାଉଥିବା ମହାଦେବ ଖୁବ୍ ପ୍ରତ୍ୟକ୍ଷ ବୋଲି ଶୁଣିବାକୁ ମିଳିଥାଏ। ମହାଦେବଙ୍କ ବ୍ୟତୀତ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ବି ବେଶ୍ ଆକର୍ଷଣୀୟ ଲାଗିଥାଏ। ସେହିପରି ଏହି ଶୈବପୀଠଟି ୟୁନେସ୍କୋ ୱାର୍ଲ୍ଡ ହେରିଟେଜ୍ ସାଇଟ୍ ଅନ୍ତର୍ଭୁକ୍ତ ହୋଇସାରିଥିବାରୁ ବର୍ଷସାରା ଏଠାରେ ଭକ୍ତଗଣଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ।

**କନ୍ଦରିୟା ମହାଦେବ ମନ୍ଦିର:** ମଧ୍ୟପ୍ରଦେଶର ଖଜୁରାହୋ ଅନ୍ତର୍ଗତ ଏକ ଲୋକପ୍ରିୟ ଶୈବପୀଠ ଭାବେ ଏହି ମନ୍ଦିରଟି ପରିଚିତ। ଏହି ମନ୍ଦିରକୁ ଖଜୁରାହୋର ସ୍ୱତନ୍ତ୍ର ବାସ୍ତୁକଳାର ଏକ ଆଦର୍ଶ ନମୁନା ଭାବେ ବିବେଚନା କରାଯାଇଥାଏ। ଏଠାରେ ପୂଜା ପାଉଥିବା ମହାଦେବ ବି ଖୁବ୍ ପ୍ରତ୍ୟକ୍ଷ। ଭକ୍ତିଏ ନିଷ୍ଠାର ସହ ଏଠାରେ ମନୋସ୍କାମନା କଲେ ତା'ର ସବୁ ଆଶା ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ଅଖଣ୍ଡ ବିଶ୍ୱାସ ରହିଛି। ଖାସ୍ ଏହି କାରଣ ଯୋଗୁ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଏଠାକୁ ଧାଇଁ ଆସିଥାନ୍ତି।

**ତୁଙ୍ଗନାଥ ମନ୍ଦିର:** ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲା ଅନ୍ତର୍ଗତ ଏକ ପାହାଡ ଉପରେ ରହିଛି ଏହି ମନ୍ଦିର। ଏହା ବି ହେଉଛି ଏକ ଶୈବପୀଠ। ସମୁଦ୍ରପତ୍ତନଠାରୁ ପ୍ରାୟ ୩୬୮୦ ମିଟର ଉଚ୍ଚତାରେ ଥିବା ଏହି ମନ୍ଦିରଟି ଖୁବ୍ ପ୍ରାଚୀନ ବୋଲି ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ। ହେଲେ ଏଠାରେ ପୂଜା ପାଉଥିବା ମହାଦେବ ଖୁବ୍ ପ୍ରତ୍ୟକ୍ଷ। ଖାସ୍ ସେଥିପାଇଁ ଯେତେ କଷ୍ଟ ହେଲେ ବି ଭକ୍ତଗଣ ପାହାଡ ଉପରକୁ ଯାଇ ପ୍ରଭୁଙ୍କୁ ଏଠାରେ ଦର୍ଶନ କରିଥାନ୍ତି। ବିଶେଷକରି ଶୀତଦିନେ ଏଠାରେ ବହୁତ ତୁଷାରପାତ ହୁଏ। ଆଉ ସେହି ତୁଷାରପାତରେ ବି ଅନେକ ଶ୍ରଦ୍ଧାଳୁ ଟ୍ରେକିଂ କରିକି ଯାଇ ପ୍ରଭୁଙ୍କୁ ଏଠାରେ ଦର୍ଶନ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି।


**କିରାତେଶ୍ୱର ମହାଦେବ ମନ୍ଦିର:** ସିକ୍କିମ୍‌ସ୍ଥିତ ରଙ୍ଗୀତ ନାମକ ଏକ ନଦୀକୂଳରେ ଥିବା ଏହି ମନ୍ଦିରଟି ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ଭଗବାନ ଶିବଙ୍କୁ ସମର୍ପିତ ଏହି ମନ୍ଦିରରେ ମହାଶିବରାତ୍ରି ଓ ଶ୍ରାବଣ ମାସର ପ୍ରତି ସୋମବାରରେ ବହୁ ଭକ୍ତଗଣଙ୍କର ଯା'ଆସ ଲାଗି ରହିଥାଏ। ସେହିପରି ଏହି ମନ୍ଦିରରେ ବାଳା ଚତୁର୍ଦ୍ଦଶୀ ପର୍ବକୁ ବି ଖୁବ୍ ଧୁମ୍‌ଧାମରେ ପାଳନ କରାଯାଇଥାଏ। ନଦୀର ତଟଦେଶରେ ଅବସ୍ଥିତ ହୋଇଥିବାରୁ ଏବଂ ଚାରିଆଡେ ଗଛଲତା ପରିପୂର୍ଣ୍ଣ ହୋଇ ରହିଥିବାରୁ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ବେଶ୍ ମନଲୋଭା ବି ହୋଇଥାଏ।

**ଭୋଜେଶ୍ୱର ମନ୍ଦିର:** ମଧ୍ୟପ୍ରଦେଶର ଭୋଜପୁର ନାମକ ଏକ ସ୍ଥାନରେ ରହିଥିବା ଏହି ଶୈବପୀଠଟିର ବାସ୍ତୁକଳା ଯେମିତି ଆକର୍ଷଣୀୟ ଠିକ୍ ସେମିତି ଏଠାରେ ପୂଜା ପାଉଥିବା ମହାଦେବ ବି ଖୁବ୍ ପ୍ରତ୍ୟକ୍ଷ। ସେହିପରି ଏହା ଏକ ପ୍ରାଚୀନ ମନ୍ଦିର ଭାବେ ବି ଜଣାଶୁଣା। ତା'ଛଡ଼ା ଶାନ୍ତ ପରିବେଶରେ ଗଢି ଉଠିଥିବା ଏହି ଶୈବପୀଠରେ କିଛି ସମୟ ବିତାଇଦେଲେ ମନକୁ ବେଶ୍ ଶାନ୍ତି ମିଳିଥାଏ ବୋଲି ସ୍ଥାନୀୟ ଲୋକେ ମତ ଦେଇଥାନ୍ତି। ସେଥିପାଇଁ ବର୍ଷସାରା ଏଠାରେ ଭକ୍ତଗଣଙ୍କର ଯା'ଆସ ଲାଗି ରହିଥାଏ।













# ଆଙ୍ଗୁଠିରେ ପଇଡ଼ କଣା କରି ରେକର୍ଡ


ପଇଡ଼ କେତେ ଶକ୍ତ ସମସ୍ତେ ଜାଣନ୍ତି। ଏହାକୁ କାଟିବା ପାଇଁ ଧାରୁଆ ଅସ୍ତ୍ର ନିହାତି ଆବଶ୍ୟକ। କିନ୍ତୁ ଜଣେ ବ୍ୟକ୍ତି ନିଜ ଆଙ୍ଗୁଠିରେ ପଇଡ଼କୁ କଣା କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ମାର୍ଶାଲ ଆର୍ଟ ମାଷ୍ଟର ହୋ ଏଙ୍ଗ ହୁଇ ଏହି ଅସମ୍ଭବ କାମକୁ ସମ୍ଭବ କରି ଦେଖାଇଛନ୍ତି। ସେ ପୁଣି ଚାରୋଟି ପଇଡ଼କୁ ମାତ୍ର ୧୨.୧୫ ସେକେଣ୍ଡରେ ଆଙ୍ଗୁଠିରେ କଣା କରି ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ସେ ଗୋଟିଏ ଥରରେ ପଇଡ଼ କଣା କରି ତା'ମଧ୍ୟସ୍ଥ ପାଣି ବାହାର କରିଦିଅନ୍ତି। ହୋ ଏହି କାମ କରିବା ପାଇଁ ୧୦ଦିନ ପୂର୍ବରୁ ତୋଳା ଯାଇଥିବା ପଇଡ଼ ବ୍ୟବହାର କରନ୍ତି।

## କାର୍ଟୁନ କର୍ନର



# ଆଙ୍କର ଆକ୍ଟ୍ରେସ୍ କ୍ରିଷ୍ଣା

କୃଷ୍ଣପ୍ରିୟା ନାଏକ ଓରଫ୍ କ୍ରିଷ୍ଣାଙ୍କର ଯାତ୍ରା ଜୀବନ ଆରମ୍ଭ ହୋଇଥିଲା ବେଶ୍ ଆକସ୍ମିକ ଭାବରେ। ତାଙ୍କର ଜନ୍ମ ଜଗତ୍‌ସିଂହପୁର ଜିଲାର ତାରପୁର ଠାରେ। ତାରପୁର ହେଉଛି ଏକ କଳାର ଅଞ୍ଚଳ। ତେଣୁ କୃଷ୍ଣପ୍ରିୟାଙ୍କ ଭିତରେ ଜନ୍ମରୁ କଳା ରହିଥିଲା। ସେ ସ୍କୁଲ୍ ତଥା କଲେଜରେ ଡ୍ରାମା କରୁଥିଲେ। ଅଭିନୟ କରିବାର ଅଭିଜ୍ଞତା ଅଳ୍ପବହୁତେ ରହିଥିଲା। ତେବେ ପେସାଦାର ଯାତ୍ରା କ'ଣ? ସେଠାରେ କ'ଣ କରିବାକୁ ହୁଏ ଇତ୍ୟାଦି ବିଷୟ ତାଙ୍କୁ ଜଣା ନ ଥିଲା। ଦିନେ ଦିବଂଗତ ନାଟ୍ୟକାର ଅନନ୍ତ ଓଝାଙ୍କ ସହିତ ଭେଟହୁଏ କୃଷ୍ଣପ୍ରିୟାଙ୍କର। ଅନନ୍ତ ଓଝା ତାଙ୍କ ଭିତରେ ଥିବା କଳାକାରଟିକୁ ସମ୍ଭବତଃ ଦେଖିପାରିଲେ। ଆଉ ତାଙ୍କୁ ପ୍ରସ୍ତାବ ଦେଲେ ଯାତ୍ରାକୁ ଆସିବା ପାଇଁ। ବାସ୍ତବରେ କୃଷ୍ଣପ୍ରିୟାଙ୍କର ପରିବାରର ଆର୍ଥିକ ସ୍ଥିତି ସେତେଟା ଭଲ ନ ଥିଲା। ତାଙ୍କର କଉଠି ନା କଉଠି ଚାକିରି କରିବା ନିତାନ୍ତ ଦରକାର ଥିଲା।


କ୍ରିଷ୍ଣା

ପେସାଦାର ଯାତ୍ରାପାର୍ଟିର ଅଭିଜ୍ଞତା ନ ଥିଲେ ବି ସେ ରାଜି ହୋଇଗଲେ ଯାତ୍ରାକୁ ଆସିବା ପାଇଁ। ନିଜେ ଅନନ୍ତ ଓଝା ହିଁ ତାରପୁର ଯାତ୍ରାପାର୍ଟିରେ ତାଙ୍କ ପାଇଁ ବୁଝାବୁଝି କରିଦେଲେ। ତାରପୁର ଅପେରାରୁ ଆରମ୍ଭ ହେଲା କୃଷ୍ଣପ୍ରିୟାଙ୍କ ପେସାଦାର ଯାତ୍ରା ଜୀବନ। ତାଙ୍କ ଭିତରେ ଅଭିନୟର ଗୁଣ ଥିଲା ପୁଣି ଆଙ୍କରିଂ କରିବାର ମଧ୍ୟ ଦକ୍ଷତା ରହିଥିଲା। ତାରପୁର ଅପେରାରେ ସେହିବର୍ଷ ଅନନ୍ତ ଓଝା ଲେଖିଥାନ୍ତି ନାଟକ 'ବାଉଁଶରାଣୀ'। ସେହି ନାଟକରେ ସେ ଅଭିନୟ କଲେ। ଆଉ ଆଙ୍କରିଂ ବି କଲେ। ପରେପରେ କୋଣାର୍କ, ବାଘାଯତୀନ ଲୋକନାଟ୍ୟ, କଳିଙ୍ଗ, ଓମ୍ ଶ୍ରୀ, ତୁଳସୀ, ବିଶ୍ୱଦରବାର, ତ୍ରିନାଥ ଆଦି ଯାତ୍ରାନୁଷ୍ଠାନକୁ ଆସି ନିଜ ଦକ୍ଷତା ଦେଖାଇଲେ। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି ବାଉଁଶ ରାଣୀ, ବାଟ ଛାଡ଼ ଷଣ୍ଢ ଆସୁଛି, ଜେଲ୍ ଟାଇଗର, ନ କହିଲେ କୁଳ ଭାସି ଯାଉଛି, କହିବି କାହାକୁ ଶୁଣିବ କିଏ, କଉଡ଼ି ଖେଳ, ଷ୍ଟେଶନ୍ କୁଲି, ଏଇତ ଦୁନିଆ, ରିକ୍ସା ବାଲା, ଗ୍ୟାଙ୍ଗଷ୍ଟର, ଆଜି କଥା କାଲିକି ନାହିଁ, ପାପ ହାଟରେ ମୁଁ ପୁଣ୍ୟ ଖୋଜୁଛି, ମାଟି ଅଗଣାର ବୋହୂ ଇତ୍ୟାଦି। କୃଷ୍ଣପ୍ରିୟାଙ୍କ ଜୀବନ ଏକ ସଂଘର୍ଷ। ସ୍ୱାମୀ ଶଶିକାନ୍ତ ନାଏକଙ୍କର ଅକାଳ ବିୟୋଗ ଘଟି ସାରିଛି। କୁନି ଝିଅ ଶୁଭଲଗ୍ନାଙ୍କୁ ମଣିଷ କରିବା ପାଇଁ ଏକାକୀ ଅଣ୍ଟା ଭିଡ଼ିଛନ୍ତି କୃଷ୍ଣପ୍ରିୟା। ଯାତ୍ରା ତାଙ୍କୁ ସଂଘର୍ଷକୁ ସାମ୍ନା କରିବାର ବାଟ ଦେଖାଉଛି ବୋଲି କହନ୍ତି ଉଭୟ ନେଗେଟିଭ୍ ଓ ପଜିଟିଭ୍ ଭୂମିକାରେ ଅଭିନୟ କରିପାରୁଥିବା ଏହି ଅଭିନେତ୍ରୀ।

# ହିରୋରୁ ବାପା ଭୂମିକା ଯାଏ

ଦୁର୍ଗା ଭୂୟାଁ! ଓଡ଼ିଆ ଯାତ୍ରା ଜଗତର ଜଣେ ବର୍ଷୀୟାନ୍ କଳାକାର। ଯାତ୍ରାର ଅନେକ ପରିବର୍ତ୍ତନ ସେ ଦେଖିଛନ୍ତି। ପୁଣି ଅନେକ କଥା ସେ ଅଙ୍ଗେ ନିଭେଇଛନ୍ତି। ଘର ବାଲେଶ୍ୱର ଜିଲାର ଜଳେଶ୍ୱର ଅନ୍ତର୍ଗତ ଶିଖରପୁର ଗାଁ। ତାଙ୍କୁ ଯେତେବେଳେ ୧୨ବର୍ଷ ବୟସ ହୋଇଥିଲା ସେ ଆସିଲେ ଯାତ୍ରାକୁ। ସେବେ ଠୁ ଯାତ୍ରାର ମୋହରେ ପଡ଼ିଛନ୍ତି। ତାଙ୍କ ଅଜା ଥିଲେ ଜଣେ କୀର୍ତ୍ତନ ଗାୟକ। ଅଜାଙ୍କ ସହିତ ସେ ମଧ୍ୟ କୀର୍ତ୍ତନ କରୁଥିଲେ। ପୁଣି ଅଜାଙ୍କଠାରୁ ହାରମୋନିୟମ୍ ଏବଂ ମୃଦଙ୍ଗ ବଜେଇ ଶିଖିଲେ। ଜନ୍ମରୁ ତାଙ୍କ ଭିତରେ କଳା ଭରି ଦେଇଥିଲେ ଭଗବାନ। ଅଜାଙ୍କ ଘରେ ରହୁଥିଲେ ଦୁର୍ଗା। ଅଜାଙ୍କ ଗାଁରେ ଯାତ୍ରା ହେଲା। ବହି ଥିଲା ଶ୍ରୀୟା ଚାଣ୍ଡାଳୁଣୀ। ତାଙ୍କୁ ଶ୍ରୀୟା ଭୂମିକାରେ ସେମାନେ ଅଭିନୟ କରେଇଲେ। ଖୁବ୍ ଭଲ ଅଭିନୟ କଲେ ଦୁର୍ଗା। ସେଇଥିଲା ତାଙ୍କର ପ୍ରଥମ ଅଭିନୟ। ଏହାପରେ ତାଙ୍କ ଗାଁ ଶିଖରପୁରରେ ଗୋଟିଏ ଯାତ୍ରାପାର୍ଟି ଅଭିନୟ କଲା। ବରାଳବାଲୁଙ୍କେଶ୍ୱର ଅପେରା! ଗାଁ ପିଲାଟା ଭଲ ଅଭିନୟ କରୁଥିବାରୁ ସେହି ପାର୍ଟିରେ ନେଇ ତାଙ୍କୁ ଅଭିନୟ କରେଇଲେ। ସେତେବେଳେ ତାଙ୍କ ବୟସ କମ୍ ଥିଲା। ତେଣୁ ସେ ପ୍ରଥମେ ନୃତ୍ୟନାଟିକାରେ ନୃତ୍ୟାଭିନୟ କଲେ। କେତେବେଳେ ଝିଅ ପାର୍ଟ ମିଳିଲା ତ କେତେବେଳେ ପୁଅ ଭୂମିକା। ବୟସ ବଢ଼ିଲା। ସେ ହିରୋ ଭୂମିକାରେ ଓହ୍ଲେଇଲେ ମଞ୍ଚକୁ। ଏବେ ବୟସର ଅପରାହ୍ନରେ। ତେଣୁ ବାପା, ଜେଜେଙ୍କ ଭଳି ଭୂମିକାକୁ ନେଇ ସନ୍ତୁଷ୍ଟ ଅଛନ୍ତି ଏହି ବର୍ଷୀୟାନ୍ ଅଭିନେତା। ଯାତ୍ରାରେ ଇତିମଧ୍ୟରେ ସେ ପଚାଶରୁ ଅଧିକ ବର୍ଷ ଅତିବାହିତ କରିସାରିଲେଣି। ଓଡ଼ିଶା ଅପେରା, ଜନତା ଗଣନାଟ୍ୟ, ସୋନାଲି ଗଣନାଟ୍ୟ, ବାଣେଶ୍ୱରୀ ଅପେରା, ବାଘାଯତୀନ ଲୋକନାଟ୍ୟ, ସୁବର୍ଣ୍ଣରେଖା ଅପେରା, ତାରିଣୀ ଗଣନାଟ୍ୟ, ସ୍ୱର୍ଣ୍ଣମହଲ ଆଦିରେ ଅଭିନୟ କରି ଚଳିତ ବର୍ଷ ଆସି ପହଞ୍ଚିଛନ୍ତି ରାଜଧାନୀ ଅପେରାରେ। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି ସରଗରୁ ଚାନ୍ଦ ପଡ଼ିଛି ଖସି, ଗାନ୍ଧୀବାଦ୍ ଆଜି କବର ତଳେ, କିଏ ନେଇଗଲା ଜାଇଫୁଲକୁ, ପାହିଗଲା ରାତି ରହିଗଲା କଥା, ରାଣୀ ମହୁମାଛି, ଫଗୁଣ ଦେଇଛି ପହିଲି ଚିଠି, ଝରଣା ଝୁରେ ସାଗର ପାଇଁ, ବଇନା ଦେଇଛି ବାହା ହବାକୁ, ଆଖି କହୁଛି ଲୁହର କଥା, ନିଜ ଶବ ପାଇଁ ନିଜେ କୋକେଇ, ମିଛୁଆ ସ୍ୱାମୀ ଏବଂ ଆହୁରି ଅନେକ। ଚଳିତ ବର୍ଷ ରାଜଧାନୀ ଅପେରାରେ ତାଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି ଲକ୍ଷେ ଶିବ ପୂଜି ପାଇଛି ତତେ, ଭୁଲ୍ ହୋଇଗଲା ତତେ ଭଲପାଇ, କେମିତି ଅଛ ନୀହାରିକା, କଳିଯୁଗ କୁନ୍ତି। ଯାତ୍ରାରେ କଟିଗଲା ଏହି ଅଭିଜ୍ଞ ଅଭିନେତାଙ୍କ ଜୀବନ। ଯାତ୍ରା ଉପରେ ମତାମତ ଦେବାକୁ ଯାଇ ସେ କହନ୍ତି, ସେତେବେଳର ଯାତ୍ରା ଡିଙ୍କି ହେଲେ ଏବର ଯାତ୍ରା ହଲର ମେଶିନ୍। ପୁଣି ଆଜିର ଗୋଟିଏ ପରିବାରରେ ବୁଢ଼ା ବାପାମା'ଙ୍କର ଅବସ୍ଥା ଯାହା ଏବେକାର ଯାତ୍ରାପାର୍ଟିରେ ବର୍ଷୀୟାନ୍ କଳାକାରମାନଙ୍କ ଅବସ୍ଥା ସେଇଆ ବୋଲି ମତଦିଅନ୍ତି ଏହି ଅଭିନେତା।


ଦୁର୍ଗା ଭୂୟାଁ

# ପ୍ରଜାପତିର ଡେଣା



ସୂର୍ଯ୍ୟକିରଣରେ ସବୁ ଜିନିଷ ଗରମ ହୋଇଯାଏ। ଏକଥା ଆମେ ସମସ୍ତେ ଜାଣୁ। ହେଲେ ସୂର୍ଯ୍ୟକିରଣ ପ୍ରଜାପତିର ଡେଣାକୁ ଗରମ କରିପାରେନା। ପ୍ରଜାପତିର ଡେଣା ସବୁବେଳେ ଥଣ୍ଡା ରହିଥାଏ। ଏକଥା ନିକଟରେ କଲମ୍ବିଆ ୟୁନିଭର୍ସିଟିର ଗବେଷକମାନେ ପ୍ରକାଶ କରିଛନ୍ତି। ସେମାନଙ୍କ ମତରେ ସୂର୍ଯ୍ୟକିରଣ ପ୍ରଭାବରୁ ବାୟୁମଣ୍ଡଳର ଉତ୍ତାପ ଯେତେ ବଢୁନା କାହିଁକି ପ୍ରଜାପତିର ଡେଣା କିନ୍ତୁ ଥଣ୍ଡା ରହିବ ହିଁ ରହିବ। ଏହାର କାରଣ ଦର୍ଶାଇବାକୁ ଯାଇ ସେମାନେ କହନ୍ତି ଯେ, ପ୍ରଜାପତିର ଡେଣାରେ ରହିଛି ଗୋଟିଏ ନିର୍ଦ୍ଦିଷ୍ଟ ଧରଣର ଭେନ୍, ଯାହା ତା' ଦେହକୁ ଇନ୍‌ସେକ୍ଟ ବ୍ଲଡ ପ୍ରବାହିତ କରାଏ। ପୁଣି ତା' ଡେଣାରେ ଅଛି ଲକ୍ଷ ଲକ୍ଷ 'ସେଣ୍ଟ ପ୍ୟାଚ୍'। 'ସେଣ୍ଟ ପ୍ୟାଚ୍'ର କାମ ହେଉଛି ଏହା ଶରୀର ତାପମାତ୍ରାକୁ ବଢ଼ାଇବା ଏବଂ କମେଇବା। ପ୍ରଜାପତି ସୂର୍ଯ୍ୟକିରଣର ଉତ୍ତାପ ଅନୁଯାୟୀ 'ସେଣ୍ଟ ପ୍ୟାଚ୍' ଜରିଆରେ ନିଜ ଦେହର ତାପମାତ୍ରାକୁ ବେଶି କମ୍ କରିଥାଏ। ଏକଥା ଜଣାଯାଇଛି ଯେ, ଏହା ସୂର୍ଯ୍ୟକିରଣର ତାପମାତ୍ର ଠାରୁ ବି ବେଶି ପରିମାଣର ଉତ୍ତାପ ନିଜ ଦେହରେ ସୃଷ୍ଟି କରିପାରେ। ତେଣୁ ସୂର୍ଯ୍ୟକିରଣର କୌଣସି ପ୍ରଭାବ ତା' ଦେହରେ ପଡ଼େନାହିଁ। ଫଳରେ ସୂର୍ଯ୍ୟ ଏହା ନିଜର ଦେହର ତାପମାତ୍ରାକୁ ସନ୍ତୁଳିତ ରଖିପାରେ। ଯେତେବେଳେ ଉତ୍ତପ ସୂର୍ଯ୍ୟକିରଣରେ ସମଗ୍ର ପୃଥିବୀ ତାତୁଥାଏ ସେତେବେଳେ ପ୍ରଜାପତି ତା' ଦେହର ଉତ୍ତାପକୁ ସନ୍ତୁଳିତ ରଖି ବେଶ୍ ଥଣ୍ଡାରେ ରହିଥାଏ।

ବ୍ୟାକ୍ ପେଜ୍



# ନୀଳ ମେକ୍‌ଅପ୍‌ରେ ଦୁଇବର୍ଷ

୨୦୧୩ରେ ୟୁକେ ବ୍ରାଡଫୋର୍ଡର ଲୌରାଇ ଲି ନାମ୍ନୀ ମେକ୍‌ଅପ୍ ଆର୍ଟିଷ୍ଟ ତାଙ୍କର ଡଲ୍ ପରି ଚେହେରା ପାଇଁ ସାରା ଦୁନିଆରେ ପରିଚିତା ହୋଇଥିଲେ। ଆଉ ଡେଲିମେଲ୍ ଓ ମିରର୍ ପରି ପତ୍ରିକା ତାଙ୍କୁ ରିୟଲ ଲାଇଫ୍ ବାର୍ବି ଆଖ୍ୟା ଦେଇଥିଲା। କିନ୍ତୁ ଏବେ ସେ ତାଙ୍କର ଆଉ ଏକ ଲୁକ୍ ପାଇଁ ଚର୍ଚ୍ଚିତା। ସେ ତାଙ୍କର ମୁହଁ ଓ ହାତକୁ ନୀଳ ରଙ୍ଗରେ ରଙ୍ଗାୟିତ କରି ଏକ ନୂଆ ପରିଚୟ ପାଇଛନ୍ତି। ଲୌରାଇ କହନ୍ତି, 'ପୂର୍ବରୁ ଜାପାନୀ ଗାୟରୁ ଷ୍ଟାଇଲ୍ ମେକ୍‌ଅପ୍ ଆପଣାଇଥିବାରୁ ସମସ୍ତେ ମତେ ଡଲ୍ ପରି ବୋଲି ଭାବି ନେଇଥିଲେ। ହେଲେ ମତେ ପରେ ଲାଗିଲା ନୀଳ ରଙ୍ଗ ମୋ ବ୍ୟକ୍ତିତ୍ୱକୁ ବେଶ୍ ସୁହାଇବ। ତେଣୁ ମୁଁ ମୋ ମୁହଁ ଓ ହାତକୁ ନୀଳ ରଙ୍ଗରେ ରଙ୍ଗାଇ ମେକ୍‌ଅପ୍ ନେବା ଆରମ୍ଭ କଲି। ମତେ ବାହ୍ୟଜଗତର ପ୍ରାଣୀ ବା ଏଲିୟନ ବହୁତ ପସନ୍ଦ। ତେଣୁ ଏଲିୟନ୍ ପରି ଲୁକ୍ ଆପଣେଇଲି।' ଦୀର୍ଘ ଦୁଇବର୍ଷ ହେବ ସେ ଏହି ଲୁକ୍‌ରେ ରହୁଛନ୍ତି। ସେ ତାଙ୍କ ଘରକୁ ବି ନୌକା ଭଳି ଆକାର ଦେଇଛନ୍ତି। ଯେମିତିକି ତାହା ସ୍ପେସ୍‌ଶିପ୍ ପରି ଲାଗିବ। ସେ ଆଗୋରା ଫୋବିଆରେ ଆକ୍ରାନ୍ତ। ଏହି ରୋଗ ଯୋଗୁଁ ସେ ଜନସାଧାରଣ ସ୍ଥାନକୁ ଯିବାକୁ ଭୟ କରନ୍ତି। ସେଥିପାଇଁ ସେ ଓ ତାଙ୍କ ଘରକୁ ଭିନ୍ନ ଲୁକ୍ ଦେଇ ରହୁଛନ୍ତି।

# ପୋଷା କଇଁଛ ପାଇଁ ମ୍ୟାଚିଂ ପୋଷାକ

ସୋସିଆଲ ମିଡିଆରେ ଅନେକ ଆନିମଲ୍ ସୁପରଷ୍ଟାର ଦେଖିଥିବେ। ସେମାନଙ୍କ ଭିତରେ ଅଧିକାଂଶ କୁକୁର କିମ୍ବା ବିଲେଇ ଥାଆନ୍ତି। ହେଲେ କେବେ କଇଁଛକୁ ସୋସିଆଲ ମିଡିଆରେ ସୁପରଷ୍ଟାର ଭାବେ ଦେଖି ନ ଥିବେ। ନିକଟରେ କଲିଫର୍ନିଆର ଏକ ଦମ୍ପତି କେସି କୁଟୁନସ୍କି ଓ ଡାନିଏଲ ରୋଡ୍ରିଗେଜ୍‌ଙ୍କ ପୋଷା କଇଁଛ ସୋସିଆଲ ମିଡିଆରେ ଷ୍ଟାର ପାଲଟିଛି। ଆଉ ତାର କାରଣ ହେଉଛି ସେ ପିନ୍ଧୁଥିବା ସୁନ୍ଦର ପୋଷାକ। ଏହି ଦମ୍ପତି ନିଜେ ସୁନ୍ଦର ସୁନ୍ଦର ପୋଷାକ ପିନ୍ଧିବା ସହ ପୋଷା କଇଁଛକୁ ବି ତାଙ୍କ ପୋଷାକ ସହ ମ୍ୟାଚ କରୁଥିବା ପୋଷାକ ପିନ୍ଧାଇ ଇନ୍‌ଷ୍ଟାଗ୍ରାମ ପାଇଁ ଫଟୋ ଉଠାଇଥାଆନ୍ତି। ସେ ଫଟୋଗୁଡିକ ପୋଷା କଇଁଛ ପାଇଁ ହୋଇଥାଏ ବେଶ୍ ଆକର୍ଷକ। ଇନ୍‌ଷ୍ଟାଗ୍ରାମ୍‌ରେ ଏହି ଫଟୋକୁ ଅନେକେ ପସନ୍ଦ କରୁଛନ୍ତି। ଏବେ ତାଙ୍କ ଫଲୋୟର ସଂଖ୍ୟା ୩୮.୬ ଲକ୍ଷ। ତେବେ ଅନେକେ ଏଭଳି ଶୁଟ୍‌କୁ ନାପସନ୍ଦ କରି କଇଁଛ ପ୍ରତି ଅତ୍ୟାଚାର ବୋଲି କହୁଛନ୍ତି। କିନ୍ତୁ ଏହି ଦମ୍ପତି ଏହାକୁ ଖାତିର କରନ୍ତି ନାହିଁ। କାରଣ ସେମାନେ କହନ୍ତି, 'ଆମେ କଇଁଛକୁ ଦୁଇ ସପ୍ତାହରେ ଥରେ ମାତ୍ର ୧୦ ମିନିଟ୍‌ର ଶୁଟ୍ ପାଇଁ ପୋଷାକ ପିନ୍ଧାଉ। ଅନ୍ୟସବୁ ସମୟ ସେ ଖାଲି ଦେହରେ ହିଁ ରହେ। ତେଣୁ କଇଁଛ ଉପରେ କୌଣସି ପ୍ରକାରର ଅତ୍ୟାଚାର ଆମେ କରୁନାହୁଁ।'









# ଗେମିଂ ବେଡ୍



ସେ ଛୋଟ ହୁଅନ୍ତୁ କି ବଡ଼, ଭିଡିଓ ଗେମ୍ ଖେଳିବାକୁ ଅନେକେ ଭଲପାଆନ୍ତି। ହେଲେ ଦୀର୍ଘ ସମୟ ବସି ବସି ଖେଳୁ ଖେଳୁ ଅଣ୍ଟା କାଟିଥାଏ। ଅନେକ ସମୟରେ ଅଣ୍ଟା କାଟିବା ଯୋଗୁ ଖେଳ ଅଧା ବନ୍ଦ କରିବାକୁ ଅନେକେ ବାଧ ହୁଅନ୍ତି। ତେବେ ଜାପାନର ଆସବାବପତ୍ର ଡିଜାଇନ୍ କରୁଥିବା ରିଟେଲର୍ 'ବୌହୁଟେ' ଆଣିଛି ଏମିତି ଏକ ବେଡ୍, ଯାହା ସମ୍ପର୍କରେ ଜାଣିଲେ ଭିଡିଓ ଗେମ୍ ଖେଳୁଥିବା ବ୍ୟକ୍ତି ଖୁସିରେ ଉଛୁଳି ଉଠିବେ। 'ଗେମିଂ ବେଡ୍' ନାମକ ଏହି ବେଡ୍‌ରେ ବସିକି ଖେଳିବାର ଆବଶ୍ୟକତା ନାହିଁ। ଆପଣ ଆରାମରେ ଶୋଇକି ଖେଳିପାରିବେ। ଉକ୍ତ ବେଡ୍‌ରେ ଆରାମଦାୟକ ମାଟ୍ରେସ୍, ଗେମିଂ ବ୍ଲାଙ୍କେଟ୍, ନିଜ ଆବଶ୍ୟକତା ମୁତାବକ ଉଠାଇ ହେଉଥିବା ହେଡ୍‌ବୋର୍ଡ, ଏକ ଡେସ୍କ, ସ୍ନାକ୍ ହୋଲ୍ଡର୍ ଓ ଏକ ଫ୍ଲେକ୍ସିବଲ୍ ସ୍ମାର୍ଟଫୋନ୍ ହୋଲ୍ଡର ଅଛି। ଯଦ୍ଵାରା ଆରାମରେ ଶୋଇ ରହି, ଖାଇ ପିଇ ଆପଣ ଦୀର୍ଘ ସମୟ ପର୍ଯ୍ୟନ୍ତ ଭିଡିଓ ଗେମ୍ ଖେଳିପାରିବେ। ଭିଡିଓ ଗେମ୍ ଅଧିକ ସମୟ ଖେଳିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ, ହେଲେ ଏହି ବେଡ୍ ଗେମ୍ ଖେଳୁଥିବା ବ୍ୟକ୍ତିଙ୍କୁ ବେଶ୍ ଭଲ ଲାଗିବ।

